୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.66 Bhubaneswar Tuesday April 16 2024 | ୨୬ତମ ବର୍ଷ | ସଂଖ୍ୟା–୬୬ ଭୁବନେଶ୍ୱର, ମଙ୍ଗଳବାର, ଅପ୍ରେଲ ୧୬, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ବାରବାଟୀ ଛକରେ ଓଭର ବ୍ରିଜ୍‌ରୁ ତଳକୁ ଖସିଲା ବସ୍, ୫ ମୃତ



ଭୁବନେଶ୍ୱର, ୧୫।୪(ପି.ଏନ): ଯାଜପୁରରେ ବଡଧରଣର ବସ୍ ଦୁର୍ଘଟଣା। ଏନ୍‌ଏଚ୍-୧୬ର ବାରବାଟୀ ଛକ ନିକଟରେ ଓଭରବ୍ରିଜ୍‌ରୁ ତଳକୁ ଖସି ପଡିଛି ଗୋଟିଏ ଯାତ୍ରୀବାହୀ ବସ୍। ବସ୍‌ଟି ପୁରୀରୁ ଆଜି ଦିନ ୪ଟାରୁ ବାହାରିଥିଲା। ଏହା ପଶ୍ଚିମବଙ୍ଗର ହଳଦିଆ ଯିବାର ଥିଲା। ଏଥିରେ ୫୦ରୁ ଅଧିକ ଯାତ୍ରୀଥିଲେ। କିନ୍ତୁ ଅଧା ବାଟରେ ଏପରି ଦୁର୍ଘଟଣା ଘଟିଛି।ଏଥିରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୫ ଜଣଙ୍କ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ୫ ଜଣଙ୍କ ଅବସ୍ଥା ଗୁରୁତର ଥିବା ଏସଡିଏମଓ ସୂଚନା ଦେଇଛନ୍ତି।

## ଆଇଏମଡିର 'ମୌସୁମୀ' ଆକଳନ: ଏଥର ସ୍ୱାଭାବିକ ଠାରୁ ଅଧିକ ବର୍ଷା

ଭୁବନେଶ୍ୱର, ୧୫।୪(ପି.ଏନ): ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁକୁ ନେଇ ଏବେ ଠାରୁ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ ବା ଆଇଏମଡି। ସବୁଥର ମୌସୁମୀ ସ୍ୱାଭାବିକ ରହିବ ବୋଲି କହୁଥିବା ଆଇଏମଡି ଏଥର କିଛି ଭିନ୍ନ ଆକଳନ କରିଛି। ଆଇଏମଡିର କହିବା କଥା ଯେ ଚଳିତ ବର୍ଷ ମୌସୁମୀ ବାୟୁ ଯୋଗୁ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ। ଦେଶରେ ୧୦୬% ବର୍ଷା ହୋଇପାରେ।ଜୁନ୍‌ରୁ ସେପ୍‌ଟେମ୍ବର ମଧ୍ୟରେ ମୌସୁମୀ ପ୍ରଭାବରେ ୯୬%ରୁ ୧୦୪% ମଧ୍ୟରେ ବର୍ଷା ହେଲେ ଏହାକୁ ସ୍ୱାଭାବିକ ବୋଲି ଧରା ଯାଏ। ୯୬%ରୁ +/- ୫ ବର୍ଷାକୁ ମଧ୍ୟ ସ୍ୱାଭାବିକ ବର୍ଷା କୁହାଯାଇଥାଏ। କିନ୍ତୁ ଏଥର ୧୦୬% ବର୍ଷା ହେବ ବୋଲି ଆଇଏମଡି କହିଛି। ତେବେ ମୌସୁମୀ କେବେ ପ୍ରବେଶ କରିବ ଓ କେଉଁ ଅଞ୍ଚଳରେ କେତେ ବର୍ଷା ହେବ, ସେକଥା ଆଇଏମଡି ଏବେ କହି ନାହିଁ। ଆସନ୍ତା ମାସ ପ୍ରଥମ ସପ୍ତାହରେ ଆଇଏମଡି ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ ବୋଲି ଜଣାପଡିଛି।

## ୨୦୪୭ ବିକଶିତ ଭାରତ ଯୋଜନା କଥା କହିଲେ, ଲୋକଙ୍କୁ ନ ଡରିବାକୁ ପରାମର୍ଶ ଦେଲେ ମୋଦି



ଭୁବନେଶ୍ୱର, ୧୫।୪(ପି.ଏନ): ଭାରତକୁ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନା ସମ୍ପର୍କରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏଥିସହ ଯେତେବେଳେ ସେ ବଡ ଯୋଜନା କଥା କହୁଛନ୍ତି ସେତେବେଳେ ଲୋକମାନେ ଆଣି ଡରନ୍ତୁ ନାହିଁ ବୋଲି ପରାମର୍ଶ ଦେଇଛନ୍ତି।ନ୍ୟୁଜ ଏଜେନ୍ସି ଏନଆଇଏକୁ ସାକ୍ଷାତକାର ଦେଇ ପ୍ରଧାନମନ୍ତ୍ରୀ ମୋଦି ବିରୋଧୀଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଜେପି ଯଦି ଲୋକସଭା ନିର୍ବାଚନ ଜିତିବ, ତା'ହେଲେ ସମ୍ବିଧାନକୁ ବଦଳାଇବ ବୋଲି ବିରୋଧୀ ଗୋଟିଏ ଭୟ ଲୋକଙ୍କ ମଧ୍ୟରେ ପ୍ରଚାର କରୁଥିବା ମଧ୍ୟ ମୋଦି କହିଛନ୍ତି।ସେ କହିଛନ୍ତି, " ଯେତେବେଳେ ମୁଁ କହୁଛି ମୋ ପାଖରେ ବଡ ଯୋଜନା ସବୁ ରହିଛି ସେତେବେଳେ କେହି ବି ଭୟଭୀତ ହୁଅନ୍ତୁ ନାହିଁ। ମୁଁ କେବେ ହେଲେ କାହାକୁ ଡରାଇବା ପାଇଁ କିମ୍ବା କାହାର କ୍ଷତି କରିବା ପାଇଁ ନିଷ୍ପତ୍ତି ନିଏ ନାହିଁ। ମୁଁ ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ନିଷ୍ପତ୍ତି ନେଇଥାଏ।ଅତିରିକ୍ତ ଭାବେ ସରକାରମାନେ କୁହନ୍ତି ଯେ ଆମେ ସବୁ କିଛି କରି ଦେଇଛୁ। କିନ୍ତୁ ମୁଁ ଏଥିରେ ବିଶ୍ୱାସ କରେ ନାହିଁ। ମୁଁ ସବୁ କିଛି ଠିକ ଦିଗରେ କରିବା ପାଇଁ ଚେଷ୍ଟା କରୁଛି। ତଥାପି ଆହୁରି ଅନେକ କିଛି କରିବାର ଅଛି। ମୋ ଦେଶର ଅନେକ ଆବଶ୍ୟକତା ରହିଛି। କେମିତି ମୁଁ ସବୁ ପରିବାରର ସ୍ୱପ୍ନ ପୂରଣ କରିବି, ସେକଥା ମୋ ମନରେ ଚାଲିଛି। ଏଥିପାଇଁ ମୁଁ ସବୁବେଳେ କହୁଛି ଯେ ଏସବୁ ଟ୍ରେଲର।

## ଜବରଦଖଲ କାରୀଙ୍କ କବଜାରେ କୁଣ୍ଢେଇହାଟ

କାକଟପୁର, ୧୫।୪(ପି.ଏନ): କାକଟପୁର ବ୍ଲକ ଅଧିନସ୍ଥ ସ୍ୱଚ୍ଛଳ ପଞ୍ଚାୟତ ଭାବେ ପରିଗଣିତ କୁଣ୍ଢେଇ ପଞ୍ଚାୟତ । ଏହି ପଞ୍ଚାୟତରେ ହାଟ ପିଣ୍ଡି ନିଲାମ ଅର୍ଥ ପଞ୍ଚାୟତର ମୁଖ୍ୟ ଉତ୍ସ କ୍ଷ ସପ୍ତାହର ସୋମବାର ଓ ଗୁରୁବାର କୁଣ୍ଢେଇ ହାଟ ବସେ । ଏହି ହାଟ ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୫ ହଜାର ଜନସାଧାରଣ ନିର୍ଭର କରିଥାନ୍ତି କ୍ଷ ୫ ଶହରୁ ଉର୍ଦ୍ଧ୍ୱ ଚାଷୀ ସେମାନଙ୍କର ଅର୍ଥକାରୀ ଫସଲକୁ ଏହି ହାଟରେ ବିକ୍ରି କରି ସେମାନଙ୍କର ପରିବାର ପ୍ରତିପୋଷଣ କରିଥାନ୍ତି । ଏହି ହାଟଟି କାହିଁ କେତେ କାଳରୁ ଚାଲି ଆସୁଥିଲେ ମଧ୍ୟ ସେଭଳି ଆଖିଦୃଶିଆ ଉନ୍ନତି ହୋଇପାରୁନଥିବା ଦେଖିବାକୁ ମିଳିଛି । ଏହି ହାଟ କୁଣ୍ଢେଇ ମୌଜା ଓ ଛୋଟରାୟପୁର ଭଳି ୨ ଗୋଟି ମୌଜା କୁ ନେଇ ଗଠିତ କ୍ଷ ହାଟର ପରିସୀମା ଭିତରେ ମୁଖ୍ୟ ସମସ୍ୟା ସାଜିଛନ୍ତି ଜବରଦଖଲକାରି । ସରକାରୀ ଦଳର କେତେକ କୁଜିନେତାଙ୍କ ଆଖି ପଡିଛି ଏହି ହାଟ ଉପରେ । ଏହାର ଏକ ତୃତୀୟାସଂ ଜାଗା ଏବେ ଜବରଦଖଲ କାରୀଙ୍କ କବ୍ଜାରେ । ଉକ୍ତ ସମସ୍ୟାକୁ ନେଇ ସ୍ଥାନୀୟ ତହସିଲଦାର ଏବଂ ବିଡ଼ିଓଙ୍କ ନିକଟରେ କୁଣ୍ଢେଇ ସରପଞ୍ଚ ପ୍ରଭାତୀ ରାଉତ ଏବଂ ସ୍ଥାନୀୟ ଅଞ୍ଚଳର ବାଗ୍ମୀ ତଥା ବରିଷ୍ଠ ଶିକ୍ଷାବିତ ବିପିନ ବିହାରୀ ରାଉତ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ଅଦ୍ୟାବଧି ଜବରଦଖଲକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ଜଣାପଡିଛି । ଦିନକୁ ଦିନ ଜବରଦଖଲ କାରୀଙ୍କ ସଂଖ୍ୟା ବଢୁଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି କ୍ଷ ଉକ୍ତ ଘଟଣା ପ୍ରତି ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଦୃଢ଼ ଦାବୀ କରିଛନ୍ତି ।

## ଜୁଏଲ ଓରାମଙ୍କ ବିରୁଦ୍ଧରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଫେରାଦ ହେଲେ ବିଜେଡିର ୯ ଜଣିଆ ପ୍ରତିନିଧି ଦଳ

ଭୁବନେଶ୍ୱର୧୫।୪(ପି.ଏନ): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବର୍ତ୍ତମାନର ସୁନ୍ଦରଗଡ ବିଜେପି ଲୋକସଭା ପ୍ରାର୍ଥୀ ଜୁଏଲ ଓରାମଙ୍କ ବିରୁଦ୍ଧରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ବିଜେଡି ଫେରାଦ ହୋଇଛି। ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ନେତୃତ୍ୱରେ ୯ ଜଣିଆ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ୨୦୨୪ ନିର୍ବାଚନରେ ଏକ ବିଚିତ୍ର ଟ୍ରେଣ୍ଡ ଦେଖିବାକୁ ମିଳୁଛି। ଭାରତୀୟ ଜନତା ପାର୍ଟି (ବିଜେପି) ଓଡିଶା ୟୁନିଟର ନେତାମାନେ ବିଭିନ୍ନ ସମୟରେ ଇଲେକ୍ସନ କମିଶନଙ୍କ ନାଁ ନେଇ ସରକାରୀ ଅଫିସରମାନଙ୍କୁ ଧମକାଉଛନ୍ତି। ବିଜେପି ପାଇଁ କାମ ନ କଲେ ବଦଳି ଏବଂ ସସପେଣ୍ଡର ଧମକ ଦେଉଛନ୍ତି। ସୁନ୍ଦରଗଡ ବିଲେଇଗଡ଼ଠାରେ ଜୁଏଲ ଓରାମ ଓ ନରସିଂହ ମିଞ୍ଜ ଏକ ସରକାରୀ ସ୍ଥାନରେ ଦଳୀୟ ସଭା କରୁଥିଲେ। ସ୍ଥାନୀୟ ଆଇଆଇସି ଆସି ବାରଣ କରିବାରୁ ଜୁଏଲ ଓରାମ ତାଙ୍କୁ ଧମକ ଦେଇଥିଲେ। ଗୋଟିଏ ନ୍ୟୁଟ୍ରାଲ ବଡିର ନାଁ ନେଇ ଅଫିସରମାନଙ୍କୁ ଧମକ ଦେଉଛନ୍ତି।ଏନେଇ ସିଇଓଙ୍କୁ ଅଭିଯୋଗ କରିବା ସହ ବିଜେଡି ପ୍ରତିନିଧି ଦଳ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ପ୍ରତିନିଧି ଦଳରେ ଥିବା ସସ୍ମିତ ପାତ୍ରଙ୍କ ସହ ସାଂସଦ ସୁଲତା ଦେଓ, ଲେଲିନ୍ ମହାନ୍ତି, ଇପ୍‌ସିତା ସାହୁ, ମଧୁସ୍ମିତା ନାୟକ, ତୁମ୍ପନାଥ ପଣ୍ଡା, ପ୍ରିୟବ୍ରତ ମାଝୀ, ଓମପ୍ରକାଶ ସାହୁ ପ୍ରମୁଖ ସିଇଓଙ୍କୁ ଫେରାଦ ହୋଇଛନ୍ତି।

## ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଓ ପ୍ରସିଦ୍ଧ ରୁକୁଣା ରଥଯାତ୍ରା ପାଇଁ କମିସନରେଟ ପୁଲିସର ପ୍ରସ୍ତୁତି ବୈଠକ



ଭୁବନେଶ୍ୱର, ୧୫।୪(ପି.ଏନ): ରାତି ପାହିଲେ ଶ୍ରୀ ଲିଙ୍ଗରାଜଙ୍କର ପ୍ରସିଦ୍ଧ ଅଶୋକାଷ୍ଟମୀ ରୁକୁଣା ରଥଯାତ୍ରା ନୀତିକାନ୍ତି ସକାଳ ୫ ଟାରୁ ଆରମ୍ଭ ହେବ। ଲିଙ୍ଗରାଜଙ୍କ ନୀତିକାନ୍ତି ଶେଷ ପରେ ଅପରାହ୍ନ ୩:୩୦ରେ ରଥ ଟଣା ଆରମ୍ଭ ହେବ। ରଥଯାତ୍ରାକୁ ସୁରୁଖୁରୁରେ କରିବା ପାଇଁ କମିସନରେଟ ପୁଲିସର ପ୍ରସ୍ତୁତି ବୈଠକ ହୋଇଛି। ଏନେଇ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ସ୍ଥାପନ କରାଯାଇଛି। ରଥ ରୋଡ଼ରେ କୌଣସି ଗାଡି ଯାଇପାରିବନି ।ମାଉସୀମା ଛକରୁ ଗାଡି ଡାଇଭର୍ଟ କରାଯିବାର ବ୍ୟବସ୍ଥା କରାଯାଇଛି। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ୧୨ ପ୍ଲାଟୁନ ଫୋର୍ସ ମୁତୟନ ହେବେ । ଏନେଇ ଦୁଇ ଜଣ ଅତିରିକ୍ତ ଡିସିପି, ୬ ଜଣ ଏସିପି, ୧୫ ଜଣ ଇନ୍ସପେକ୍ଟର ୫୦ ରୁ ଉର୍ଦ୍ଧ୍ୱ ସବ ଇନ୍ସପେକ୍ଟର ଓ ଏଏସଆଇ ଏବଂ ଟ୍ରାଫିକ ଅଧିକାରୀଙ୍କ ସହ ୧୦୦ରୁ ଉର୍ଦ୍ଧ୍ୱ କନେଷ୍ଟବଲ ଓ ହାବିଲଦାର ତଥା ହୋମଗାର୍ଡ ସୁରକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ପାର୍କିଙ୍ଗ୍ ପାଇଁ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା କରାଯାଇଛି । ରାସ୍ତା ଉପରେ ଗାଡି ପାର୍କ କରାଯିବନାହିଁ। ରଥଯାତ୍ରା ସମୟରେ ଖରା ଓ ହିଟ ୱେଭକୁ ଆଖି ଆଗରେ ରଖି ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଲ ରାଣା ଲିଙ୍ଗରାଜ ମନ୍ଦିର ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ସମସ୍ତଙ୍କ ପାଇଁ ଆବଶ୍ୟକ ପିଇବା ପାଣି ବ୍ୟବସ୍ଥା କରାଯାଇଛି। ଏନଜିଓମାନେ ମଧ୍ୟ ପାଣି ବ୍ୟବସ୍ଥା କରିଛନ୍ତି। ଭକ୍ତଙ୍କ ଉପରେ ପାଣି ସ୍ପ୍ରେ କରିବାର ମଧ୍ୟ ବ୍ୟବସ୍ଥା ହୋଇଛି। ବିଏମସି,ଅଗ୍ନିଶମ ବିଭାଗ,ସେବାୟତ ଓ ଅନ୍ୟ ବିଭାଗମାନଙ୍କ ସହ ସମସ୍ତ ଆଲୋଚନା ହୋଇଛି। କିଭଳି ସୁରୁଖୁରୁରେ ଓ ନିର୍ଦ୍ଧାରିତ ସମୟରେ ରଥଟଣା ଆରମ୍ଭ ହେବ ଓ ସରିବ ସେନେଇ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି।

## ତିନି ଦିନ ମଧ୍ୟରେ ୪୫ ଡିଗ୍ରୀ ଛୁଇଁବ ତାପମାତ୍ରା !



ଭୁବନେଶ୍ୱର, ୧୫।୪(ପି.ଏନ): ବର୍ତ୍ତମାନ ବାୟୁମଣ୍ଡଳର ନିମ୍ନ ଭାଗରେ ରାଜ୍ୟକୁ ପଶ୍ଚିମ ତଥା ଉତ୍ତରପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରୁଛି ତଥା ସୂର୍ଯ୍ୟ କିରଣର ତୀବ୍ରତା ବୃଦ୍ଧି ପାଉଥିବାରୁ ଆଗାମୀ ୪ ରୁ ୫ ଦିନ ମଧ୍ୟରେ ରାଜ୍ୟରେ ଅନେକ ସ୍ଥାନରେ ଦିନ ତାପମାତ୍ରା ଧୀରେ ଧୀରେ ୪ ରୁ ୬ ଡିଗ୍ରୀ ଯାଏଁ ବୃଦ୍ଧି ହେବାର ସମ୍ଭାବନା ରହିଛି। ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ ହେବା ସହ ୧୭ ରୁ ୨୦ ତାରିଖ ମଧ୍ୟରେ କିଛି ଜିଲ୍ଲାରେ ୪୩ ରୁ ୪୫ଡିଗ୍ରୀ ଯାଏଁ ତାପମାତ୍ରା ରେକର୍ଡ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଭଳି ପାଣିପାଗ ସ୍ଥିତିକୁ ଲକ୍ଷ୍ୟ କରି ବିଭାଗ ତରଫରୁ ଆଗାମୀ ୫ ଦିନ ଯାଏଁ ଗ୍ରୀଷ୍ମ ପ୍ରବାହ ପାଇଁ ଚେତାବନୀ ଜାରି କରାଯାଇଛି ।ପାଣିପାଗ ବିଭାଗ କରିଥିବା ଆକଳନ ଅନୁଯାୟୀ, ଆସନ୍ତାକାଲି (ଏପ୍ରିଲ ୧୬ ତାରିଖ) ରାଜ୍ୟର ୩୦ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ବା ତା' ଉପରେ ରହିବ। ଭୁବନେଶ୍ୱର, କଟକ, ଭବାନୀପାଟଣା ଓ ଝାରସୁଗୁଡାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଛୁଇଁପାରେ। ମାଲକାନଗିରି, ପାରଳାଖେମୁଣ୍ଡି, ଟିଟିଲାଗଡ, ବଲାଙ୍ଗିର, ବୌଦ୍ଧ, ରାଉରକେଲା, ବାରିପଦା ଓ ନୟାଗଡ ଆଦି ସ୍ଥାନରେ ତାପମାତ୍ରା ୪୨ ଡିଗ୍ରୀ ରହିପାରେ। ସେହିପରି ନୂଆପଡା, ରାୟଗଡା, ସମ୍ବଲପୁର, ସୁନ୍ଦରଗଡ, ଅନୁଗୋଳ, କେନ୍ଦୁଝରଗଡ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡା, ଜଗତସିଂହପୁର ଓ ଖୋର୍ଦ୍ଧାରେ ତାପମାତ୍ରା ୪୧ ଡିଗ୍ରୀ ରହିପାରେ। ନବରଙ୍ଗପୁର, ସୋନପୁର, ବରଗଡ, ଫୁଲବାଣୀ, ଢେଙ୍କାନାଳ ଓ ଚାନ୍ଦବାଲିରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଛୁଇଁପାରେ।ଏପ୍ରିଲ ୧୭ ତାରିଖରେ ଆହୁରି ବଢ଼ିବ ଖରା। ସେଦିନ ଭୁବନେଶ୍ୱର, କଟକ ଓ ଝାରସୁଗୁଡାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ଛୁଇଁପାରେ। ମାଲକାନଗିରି, ପାରଳାଖେମୁଣ୍ଡି, ଟିଟିଲାଗଡ, ବଲାଙ୍ଗିର, ବୌଦ୍ଧ, ରାଉରକେଲା, ବାରିପଦା, ନୟାଗଡ, ଅନୁଗୋଳ ଓ ଭବାନୀପାଟଣାରେ ତାପମାତ୍ରା ୪୩ ଡିଗ୍ରୀ ରହିପାରେ।

## ଦିଲ୍ଲୀରେ ସାଂସ୍କୃତିକ ସଙ୍ଗୀତ କାର୍ଯ୍ୟକ୍ରମ 'ସ୍ୱର ସୁଧା'

### ପ୍ରଖ୍ୟାତ ହିନ୍ଦୁସ୍ଥାନୀ ଭାଓଲିନ୍‌ବାଦକ ସ୍ୱର୍ଣ୍ଣ ଖୁଣ୍ଟିଆଙ୍କ ସ୍ମୃତିରେ



ଭୁବନେଶ୍ୱର, ୧୫।୪(ପି.ଏନ): ପ୍ରଖ୍ୟାତ ହିନ୍ଦୁସ୍ଥାନୀ ଭାଓଲିନ୍‌ବାଦକ ଡ. ସ୍ୱର୍ଣ୍ଣ ଖୁଣ୍ଟିଆଙ୍କ ସ୍ମୃତିରେ ରାଜଧାନୀ ଦିଲ୍ଲୀରେ ରବିବାର ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ 'ସ୍ୱର ସୁଧା' ଅନୁଷ୍ଠିତ ହୋଇଛି। ଓଡ଼ିଶାର ପ୍ରଖ୍ୟାତ କଳିଙ୍ଗ କଳାକ୍ଷେତ୍ର ସ୍ଥାନୀୟ ତ୍ରିବେଣୀ କଳାସଙ୍ଗମଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଡ. ସ୍ୱର୍ଣ୍ଣ ଖୁଣ୍ଟିଆ ଥିଲେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଭାଓଲିନ୍ ବିଭାଗ ପୂର୍ବତନ ପ୍ରଫେସର। ଏହି ଅବସରରେ ପ୍ରଖ୍ୟାତ ତବଲାବାଦକ ପଣ୍ଡିତ ହରମୋହନ ଖୁଣ୍ଟିଆ ତବଲା ବଜାଇ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ। ଯୁବ ଭାଓଲିନ୍ ବାଦକ ଯଦନେଶ୍ ରାଇକର ଭାଓଲିନ୍ କଳା ଦ୍ୱାରା ସମସ୍ତଙ୍କୁ ଆକର୍ଷିତ କରିପାରିଥିଲେ। ଦିଲ୍ଲୀ ଆଇଆଇଟିର ଛାତ୍ର ଶୁଭକାନ୍ତ ସାହୁ ବଂଶୀ ବଜାଇ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମର ଆବାହକ ଆଇଆଇଏଫଟିର ପ୍ରଫେସର ବସନ୍ତ ସାହୁ ଡ. ସ୍ୱର୍ଣ୍ଣ ଖୁଣ୍ଟିଆଙ୍କ ଅବଦାନ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଶୁଭକାନ୍ତ ସାହୁଙ୍କୁ ବଂଶୀବାଦନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଆକାଶବାଣୀ ଦିଲ୍ଲୀର ପ୍ରତିମା ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁରଙ୍କୁ ପୁତ୍ରମୋହ ମହଙ୍ଗା ପଡିଲା, ଦଳରୁ ବହିଷ୍କାର କଲା କଂଗ୍ରେସ




ଭୁବନେଶ୍ୱର, ୧୫।୪(ପି.ଏନ): ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ ପୁତ୍ରମୋହ ମହଙ୍ଗା ପଡିଛି । ନିଜକୁ ସଚ୍ଚୋଟ କଂଗ୍ରେସ ବୋଲି ଦାବି କରି ବିଜେଡିର ସାଂସଦ ପ୍ରାର୍ଥୀ ସାନପୁଅ ମନ୍ମଥ ରାଉତରାୟଙ୍କ ପାଇଁ ପ୍ରଚାର କରିବାକୁ କଂଗ୍ରେସ ଗୁରୁତ୍ୱର ସହ ନେଇଛି । ତାଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ତତ୍କାଳ ପ୍ରଭାବରୁ ଦଳରୁ ବହିଷ୍କାର କରିଛି । ସୁରଙ୍କ ଦୋମୁହାଁ ଚରିତ୍ର ପଦାରେ ପଡିବା ସହ ତାଙ୍କର ରାଜନୀତିକ କ୍ୟାରିୟର ଶେଷାର୍ଦ୍ଧରେ କଂଗ୍ରେସରୁ ଏଭଳି ଅପମାନିତ ହେବାକୁ ପଡିଛି । ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳଙ୍କ ଦ୍ୱାରା ଜାରି ୩ଧାଡିଆ ପ୍ରେସ୍ ରିଲିଜରେ, ସୁରେଶ କୁମାର ରାଉତରାୟଙ୍କୁ ବିଶୃଙ୍ଖଳିତ ଓ ଦଳବିରୋଧୀ କାର୍ଯ୍ୟ ପାଇଁ ତତ୍କାଳ ପ୍ରଭାବରୁ ୬ବର୍ଷ ନିମନ୍ତେ ବହିଷ୍କାର କରାଯାଇଛି । ଏହା ସୁରଙ୍କ ପାଇଁ ଶକ୍ତଧକ୍କା ହୋଇଛି । କଂଗ୍ରେସରେ ରହି ନିଜ ପୁଅ ବିଜେଡି ପ୍ରାର୍ଥୀ ମନ୍ମଥଙ୍କ ସପକ୍ଷରେ ଭୋଟ ସଂଗ୍ରହ କରିବାର ଫର୍ମୁଲା ମଧ୍ୟ ସୁରଙ୍କ ଫେଲ ମାରିଛି । ଏପଟେ କଂଗ୍ରେସ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ନିଜର ଭୋଟବ୍ୟାଙ୍କକୁ ସୁରକ୍ଷିତ ରଖିବା ପାଇଁ ଅଣ୍ଟା ଭିଡିଛି ।ସୂଚନାଯୋଗ୍ୟ, ସାନପୁଅ ମନ୍ମଥଙ୍କ ପାଇଁ ସୁର ପ୍ରଚାର କରୁଥିଲେ ମଧ୍ୟ ବାରମ୍ବାର ଏହାକୁ ଖଣ୍ଡନ କରି ଆସୁଥିଲେ । କଂଗ୍ରେସ ପକ୍ଷରୁ ତାଙ୍କୁ ୨ଥର କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି ହୋଇଥିଲା । ମାତ୍ର ସେ ଏହି ନୋଟିସକୁ ପ୍ରତ୍ୟାଖ୍ୟାନ କରି ସେ ଦଳ ବିରୋଧୀ କାର୍ଯ୍ୟ କରୁନାହାନ୍ତି ବୋଲି ସଫେଇ ଦେଇଥିଲେ । ଏପରିକି କଂଗ୍ରେସ ତାଙ୍କୁ ଦଳରୁ ବିଦା କଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଓଲଟା ଚେତାବନୀ ଦେଇଥିଲେ । ସୁର ୨୦୧୯ରେ କଂଗ୍ରେସ ଟିକେଟରେ ଜଟଣୀରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ ।ସୁରଙ୍କୁ କଂଗ୍ରେସ ବହିଷ୍କାର କରିବା ପରେ ମନ୍ମଥଙ୍କୁ ପ୍ରାର୍ଥୀ କରିଥିବା ବିଜେଡିର ରାଜନୀତିକ ସମୀକରଣ ଫେଲ୍ ମାରିବା ଏକରକମ ସ୍ପଷ୍ଟ ହୋଇଯାଇଛି। ଦଳରୁ ୬ ବର୍ଷ ପାଇଁ ବହିଷ୍କୃତ ହେବା ପରେ ସୁର କହିଛନ୍ତି, ମୁଁ ବିଲ୍‌କୁଲ୍ ପୁଅ ପାଇଁ ପ୍ରଚାର କରିନି। ଏଆଇସିସିର ପ୍ରେସିଡେଣ୍ଟ ଅତି ଖୁସି ହୋଇ ମୋତେ ୬ ବର୍ଷ ପାଇଁ ଯେଉଁ ବାସନ୍ଦ କରିଛନ୍ତି, ସେଥିପାଇଁ ତାଙ୍କୁ ଅଭିନନ୍ଦନ। କେଉଁଠି କି ଦୋଷ କଲି ଯେ ମୋତେ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି, ସେ ନେଇ ମୁଁ ତାଙ୍କୁ ନୋଟିସ୍ ଜରିଆରେ ପଚାରିବି। ସେ ଯାହା କରିବେ ଖାତିର ନାହିଁ। ମୁଁ ମଲା ଯାଏଁ କଂଗ୍ରେସରେ ରହିବି। ମୁଁ କଂଗ୍ରେସ ପାଇଁ କାମ କରିବି। ମୋ ଜୀବନଟା କଂଗ୍ରେସ। ଯେଉଁମାନେ ଏବେ ଓଡିଶାରେ କଂଗ୍ରେସରେ ଅଛନ୍ତି ସତେ ଯେମିତି ଭାରି ନୀତି ଓ ଆଦର୍ଶରେ ଅଛନ୍ତି। ୫୦ ବର୍ଷରୁ ଅଧିକ ସମୟ ଧରି ମୁଁ କଂଗ୍ରେସ ପାଇଁ କାମ କରିଛି। ଯଦି ମୋ ପୁଅ ଅଲଗା ଦଳରୁ ଟିକେଟ ପାଇଲା ବୋଲି ମୋତେ ବାହାର କରି ଦିଆଗଲା, ତା'ହେଲେ ଅଭିନନ୍ଦନ। କିଛି ଆପତ୍ତି ନାହିଁ କି ଖାତିର ନାହିଁ। ଏନେଇ କୌଣସି ପ୍ରକାର ଦୁଃଖ ବି ନାହିଁ। ପୁଅ ଟିକେଟ ପାଇଲା ବୋଲି ମୋତେ ଦଳରୁ କାଢ଼ି ଦେବା ଘୋର ଲଜ୍ଜାଜନକ କଥା। ମୁଁ କେବେ କିଛି ବିଶୃଙ୍ଖଳିତ କାର୍ଯ୍ୟ କରିନି।

## ପାରାଦୀପରେ ମାଛ ଧରିବା ଉପରେ ଲାଗିଲା ରୋକ୍, ମତ୍ସ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି

ପାରାଦୀପ, ୧୫।୪(ପି.ଏନ): ଚିନ୍ତାରେ ମତ୍ସ୍ୟଜୀବୀ । ଆଜିଠାରୁ ଓଡିଶା ଉପକୂଳରେ ମାଛ ଧରା ଉପରେ ଲାଗିଲା ରୋକ୍ । ନଦୀ ମୁହାଣରେ ବି ମାଛ ଧରିବା ପାଇଁ ଲାଗିଲା ଅଙ୍କୁଶ। ଆଜିଠାରୁ ଜୁନ ୧୪ ଯାଏ ଏହି କଟକଣା ଲାଗୁ ହୋଇଛି । ମାଛ ସଂରକ୍ଷଣକୁ ଦୃଷ୍ଟିରେ ରଖି ୬୧ ଦିନ ପାଇଁ ମାଛ ଧରିବା ଉପରେ କଟକଣା ଲାଗୁ କରାଯିବା ନେଇ ମତ୍ସ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ସୂଚନାରୁ ପ୍ରକାଶ ଓଡ଼ିଶା ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଗୁଞ୍ଜାମ, କୁଜଙ୍ଗ, ବାଲୁଗାଁ, ବାଲେଶ୍ୱର ଓ ପୁରୀ ମତ୍ସ୍ୟ ଅଧିକାରୀଙ୍କୁ ଚିଠି ଲେଖାଯାଇଛି । ଓଡିଶା ମେରାଇନ ଫିସିଂ ରେଗୁଲେସନ ଆକ୍ଟ(OMFRA)ର କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । କେବଳ ସାଢେ ୮ ମିଟର ଲମ୍ବ ପାରମ୍ପରିକ ଡଙ୍ଗାକୁ ଏହି କଟକଣାରୁ ବାଦ କରାଯାଇଛି । ଏହାଦ୍ୱାରା ପାରାଦୀପରେ କେବଳ ୭ ଶହ ପାଖାପାଖି ଟ୍ରଲର ମାଛ ଧରିବାରୁ ବଞ୍ଚିତ ରହିବେ। ଏଥିରେ ନିୟୋଜିତ ଥିବା ପ୍ରାୟ ୫ ହଜାର ମତ୍ସ୍ୟଜୀବୀ ଏବେ ଦୁଇ ମାସ ହାତ ବାନ୍ଧି ବସିବେ। ତେବେ ସରକାରଙ୍କ ଏହି କଟକଣାରେ ପରିବର୍ତ୍ତନ ଦାବି କରି ମତ୍ସ୍ୟଜୀବୀମାନେ ଦୀର୍ଘ ବର୍ଷ ହେଲା ପ୍ରତିବାଦ କରିଆସୁଥିବା ବେଳେ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏହି ଦୁଇମାସ ମତ୍ସ୍ୟଜୀବୀଙ୍କୁ ଅଧିକ ଆର୍ଥିକ ସହାୟତା ଯୋଗାଇ ଦେବା ଏବଂ କଟକଣାକୁ କଡାକଡି କରାଯିବାକୁ ଓଡିଶାର ବିଭିନ୍ନ ଜିଲ୍ଲାରୁ ଯୋଗ ଦେଇଥିବା ମତ୍ସ୍ୟଜୀବୀ ସଂଘ ଦାବି କରିଥିଲେ ।ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ମୌସୁମୀ ଆସିବା ପୂର୍ବରୁ ମାଛମାନଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଥାଏ। ମାଛମାନେ ଏହି ସମୟରେ ଅନୁକୂଳ ପରିବେଶରେ ଅଣ୍ଡା ଦେଇଥାନ୍ତି । ମାଛ ବଢ଼ିବାକୁ ୩/୪ ମାସ ଲାଗିଥାଏ । ଏହି ସମୟରେ ମାଛର ଆକାର ବହୁତ ଛୋଟ ଥିବାରୁ ସମୁଦ୍ରରେ ଟ୍ରଲର, ଗିଲେଟିନ୍, ଭୁଟୁଭୁଟି ଆଦି ଚଳାଚଳ ଆରମ୍ଭ ହୋଇଯାଏ । ଯାହାଦ୍ୱାରା ଲକ୍ଷାଧିକ ମାଛ ଓ ଯାଆଁଳ ମରିଯାଆନ୍ତି । ମତ୍ସ୍ୟଜୀବୀ ବଡ ମାଛ ବଦଳରେ ଛୋଟ ମାଛ ଆଣିଥାନ୍ତି । ମାଛ ଉତ୍ପାଦନ କମ୍ ହେବା ସହିତ ଟ୍ରଲର ମାଲିକ, ମତ୍ସ୍ୟଜୀବୀ, ବ୍ୟବସାୟୀ କ୍ଷତି ସହିଥାନ୍ତି । ତ୍ରୁଟିପୂର୍ଣ୍ଣ ନିୟମ ପାଇଁ ମାଛର ପ୍ରଜାତି ଦିନକୁଦିନ ହ୍ରାସ ପାଇବାକୁ ବସିଲାଣି ।










# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




# ତୁ' ମୋତେ ନ ଖା', ମୁଁ ତୋତେ ନଖାଏ

ଆମେ ଯେତେ ନିଶା ଖାଉ, ତା ମଧ୍ୟରେ ଧୂମପାନ ଅନ୍ୟତମ। ଧୂମପାନ ତମାଖୁ ସେବନର ଅନ୍ତର୍ଗତ। ସିଗାରେଟ୍, ବିଡ଼ି ଏବଂ ପିକା ଇତ୍ୟାଦି ସମାଜର ଅଶେଷ କ୍ଷତି କରୁଥିଲେ ହେଁ; ଏହାକୁ ନିଷେଧ କରିବାରେ ସେମିତି କିଛି ଆଖିଦୃଶିଆ କଡ଼ା ଆଇନ୍ ନାହିଁ। ତମାଖୁ ସେବନ ଏବଂ ଧୂମପାନ କାରଣରୁ ଅଧୁନା ପୃଥିବୀରେ ପ୍ରତି ଦଶ ସେକେଣ୍ଡରେ ଜଣେ ମରୁଛନ୍ତି। ଆଶା କରାଯାଏ ଯେ, ଏହାର ବହୁଳ ବ୍ୟବହାର ଉପରେ ଲଗାମ ନଲଗାଇଲେ ଅଥବା ଏହାକୁ ସଂପୂର୍ଣ୍ଣ ବାରଣ ନକଲେ, ପ୍ରତି ସେକେଣ୍ଡରେ ଜଣେ ଲେଖାଏଁ ମରିବା ସୁନିଶ୍ଚିତ। ଆମ ଭାରତରେ ତମାଖୁ ସେବନଜନିତ ସଂଖ୍ୟା ଏବେ ୧୨କୋଟିରୁ ଊର୍ଦ୍ଧ୍ୱ ଏବଂ ଏଥିରେ ପ୍ରତିବର୍ଷ ମରନ୍ତି ପ୍ରାୟ ନଅକୋଟି। ଏକ ସ୍ୱାସ୍ଥ୍ୟ ସୂଚନାରୁ ଜଣାପଡ଼ିଛି ଯେ, ଭାରତର ୬୦ଲକ୍ଷ ହୃଦ୍‌ରୋଗୀଙ୍କ ମଧ୍ୟରୁ ୩୦ଲକ୍ଷ ହୃଦ୍‌ରୋଗୀ ହେଉଛନ୍ତି ତମାଖୁ ବା ଧୂମପାନ ସେବନଜନିତ ରୋଗୀ। ଭାରତରେ ଥିବା କର୍କଟ ରୋଗୀଙ୍କ ମଧ୍ୟରେ ୯୦% ତମାଖୁ ସେବନଜନିତ କର୍କଟ ରୋଗୀ, ମୁଖଗହ୍ୱର କର୍କଟ ରୋଗର ମୁଖ୍ୟ କାରଣ। ଯଦି ସତର୍କତା ଅବଲମ୍ବନ କରାନଯାଏ ତେବେ ନିକଟ ଭବିଷ୍ୟତରେ ଏହା ଆଶାତୀତ ଭାବେ ବୃଦ୍ଧି ପାଇବ। ତମାଖୁରେ ୭୦୦୦ ପ୍ରକାର ରାସାୟନିକ ପଦାର୍ଥ ଅଛି ଯାହା ମଧ୍ୟରୁ ଅଧିକାଂଶ ଉପାଦଳନା ପ୍ରବେଶ କରି ବିଭିନ୍ନ ରୋଗର କାରଣ ହୋଇଥାଏ। ଏହା ଶରୀରକୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ପ୍ରଭାବିତ କରିବା ସହ କର୍କଟ, ହୃତ୍‌ପିଣ୍ଡ ସଂକ୍ରାନ୍ତୀୟରୋଗ, ଫୁସ୍‌ଫୁସ୍ ଜନିତ ରୋଗ ଏବଂ ହୃଦ୍‌ଘାତରେ କାରଣ ହୋଇଥାଏ । ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ବିଶ୍ୱର ସର୍ବାଧିକ ମୁଖ କର୍କଟ ରୋଗୀ ଭାରତରେ ହିଁ ଅଛନ୍ତି । ଏହାର ମୁଖ୍ୟ କାରଣ ସେହି ଧୂମପାନ ଏବଂ ତମାଖୁ ସେବନ। ଏବେ କଅଁଳ ବୟସର ପିଲାମାନେ ବିଶେଷକରି ୧୩-୧୫ ବର୍ଷର ପିଲାଏ ସର୍ବାଧିକ ଧୂମପାନ କରୁଛନ୍ତି। ଏହା ଏମିତି ଏକ ନିଶା, ଯାହା ଥରେ ମାତ୍ର ଅଭ୍ୟାସରତ ହୋଇଗଲେ, ସାରା ଜୀବନ ଛାଡ଼ି ହୁଏନାହିଁ ଏବଂ ତାହା ତୁମକୁ ଗୋଡ଼ାଇ ଗୋଡ଼ାଇ ଖାଏ।

ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରତିଟି ସିଗାରେଟ୍ ସେବନ ଦ୍ୱାରା ମଣିଷର ଆୟୁ ୫ମିନିଟ୍ କମିଥାଏ । ଖଣ୍ଡିଏ ହୁକା ଟାଣିଲେ ୧୧ମିନିଟ୍ ଆୟୁ କମେ ଯାହାକି ୨୦ଟି ବିଡ଼ି ଟଣା ସହିତ ସମାନ। ଏହା ଅର୍ଥ ନୁହେଁ ବିଡ଼ିରେ କମ୍ ନିକୋଟିନ୍ ଅଛି ବୋଲି ତାକୁ ଖାଇବା। ଆମେ ମନେରଖିବା ଉଚିତ୍ ଯେ ପ୍ରାଣଘାତୀ ଆକ୍ରମଣ ପାଇଁ ଟୋପାଏ ବିଷପାନ ଯେପରି, ସେମିତି ବିଡ଼ି ଓ ସିଗାରେଟ୍ ଖାଉଥିବା ଲୋକଙ୍କ କଥା। ବିଡ଼ି ବା ସିଗାରେଟ୍ ଅଭ୍ୟାସ କରୁଥିବା ଲୋକଙ୍କର ଆୟୁଷର ୬ରୁ ୧୦ ବର୍ଷ ପୂର୍ବରୁ ମୃତ୍ୟୁବରଣ ହୋଇଥାଏ।

ଏବେ ତ ଉଭୟ ପୁରୁଷ ଏବଂ ମହିଳାମାନେ ତମାଖୁ ସହିତ ଧୂମପାନ କରୁଛନ୍ତି। ଆମ ଭାରତରେ ଏହିପରି ପୁରୁଷ ସେବନକାରୀ ସଂଖ୍ୟା ୫୬.୪% ଏବଂ ନାରୀମାନଙ୍କ ସଂଖ୍ୟା ୪୪.୬%। ଆମ ଦେଶରେ ଏକ ତୃତୀୟାଂଶ ଜନସଂଖ୍ୟା ଏଥିରେ ଅଭ୍ୟସ୍ତ।

ବିଶ୍ୱ ତମାଖୁ ସର୍ବେକ୍ଷଣ ୨୦୧୦ ଅନୁସାରେ ଯୁବକମାନଙ୍କର ୫୨% ଘରେ, କର୍ମକ୍ଷେତ୍ରରେ ୩୦% ଏବଂ ଜନତା ପରିବହନରେ ୧୭.୫% ତମାଖୁ ସେବନ ପ୍ରତି ଉନ୍ମୁକ୍ତ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ ଯେଉଁମାନେ ଏହାକୁ ସେବନ କରନ୍ତି, ସେମାନେ ତ ଏହାର ଶିକାର ହୁଅନ୍ତି, ତାଙ୍କ ସହିତ ବା ତାଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଓ ଶିଶୁ ଯେଉଁମାନେ ଅଣଧୂମପାନକାରୀ, ସେମାନେ ଘରେ ବା' କର୍ମକ୍ଷେତ୍ରରେ ଯେଉଁଠି ଥାଆନ୍ତି, ୨୫.୩୦% ହୃଦରୋଗ ଏବଂ ୨୦-୩୦% ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ହୁଅନ୍ତି। ଅନ୍ତଃରାଷ୍ଟ୍ରୀୟ ଗବେଷଣାରୁ (ଏସ୍.ଏଚ୍.ଏସ୍) ଏହା ମଣିଷ ପାଇଁ ପଦାଙ୍କିତ କାରଣ ହୋଇଛି। ଏସ୍.ଏଚ୍.ଏସ୍‌ରେ ୭୦୦୦ ବିଷାକ୍ତ ରାସାୟନିକ ମଧ୍ୟରୁ ୬୯ ଗୋଟି କର୍କଟ ରୋଗର କାରଣ। ନିକଟରେ ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ତମାଖୁ ସେବନ କାରଣରୁ ଆମେରିକାରେ ପ୍ରତିବର୍ଷ ପ୍ରାୟ ପାଞ୍ଚଲକ୍ଷ ଲୋକ କ୍ୟାନ୍‌ସରର ଶିକାର ହୋଇଥାଆନ୍ତି । ଆମେରିକାର ରୋଗ ନିୟନ୍ତ୍ରଣ ଓ ମୁକାବିଲା କେନ୍ଦ୍ର (ସିଡ଼ିସି)ର ତଥ୍ୟାନୁଯାୟୀ କ୍ୟାନ୍‌ସର ଅର୍ଦ୍ଧାଧିକ ମାମଲା ଫୁସ୍‌ଫୁସ୍ ଓ ଶ୍ୱାସନଳୀ ସମ୍ବନ୍ଧିତ। ଏତଦ୍‌ଭିନ୍ନ ମୁହଁ, ପେଟ ଓ କିଡ଼୍‌ନୀ କ୍ୟାନସର ହେବାର ସମ୍ଭାବନା ମଧ୍ୟ ତମାଖୁ ସେବନରୁ ବୋଲି ସତର୍କ କରାଯାଇଛି। ଦେଶର ଆର୍ଥିକ କ୍ଷେତ୍ରରେ ଏହାର ପ୍ରଭାବ ମଧ୍ୟ ବେଶ୍ କ୍ଷତିକାରକ; ପାଖାପାଖି ୧୬୭ ଶହ କୋଟି ଡଲାର।

ଏସ୍.ଏଚ୍.ଏସ୍ ପ୍ରତି ଉନ୍ମୁକ୍ତ ପିଲାମାନେ ହଠାତ୍ ପ୍ରାଥମିକ ଲକ୍ଷଣ ସହ (ଏସ୍.ଆଇ.ଡ଼ି.ଏସ୍) ତୀବ୍ର ଶ୍ୱାସ, କଣ୍ଠ ସମସ୍ୟା, ଶ୍ୱାସନଳୀ ପ୍ରଦାହ ଏବଂ ଅତିଶୟ ଆଜମା ନିମନ୍ତେ ବର୍ଦ୍ଧିତ ବିପଦରେ ଥାଆନ୍ତି। ଏସ୍.ଏଚ୍.ଏସ୍ ପ୍ରତି ଯୁବକମାନଙ୍କର ଉନ୍ମୁକ୍ତ, ହୃତପିଣ୍ଡ ଓ ଧମନୀ ରୋଗ, କୋରୋନରୀ ହୃଦୟ ରୋଗ ଏବଂ ବାୟୁ କୋଷ ଫୁସ୍ ଫୁସ୍ କର୍କଟର କାରଣ ହୋଇଥାଏ।

୨ ଅକ୍ଟୋବର ୨୦୦୮ରେ ଭାରତ ସରକାର ସର୍ବସାଧାରଣ ସ୍ଥାନରେ "ଧୂମପାନ ନିଷେଧ" ଉପରେ ସଂଶୋଧିତ ଆଇନ୍ ଲାଗୁ କରିଛନ୍ତି। ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଧୂମପାନ କରୁଥିବା ବ୍ୟକ୍ତିଙ୍କୁ ୨୦୦ଟଙ୍କା ଜୋରିମନା ଦେବାର ନିୟମ ଥିଲା। ଏହାକୁ ଧରାଇଦେବାରେ ସ୍ୱାସ୍ଥ୍ୟ ଓ ଗୃହ ବିଭାଗ ତରଫରୁ କର୍ମଚାରୀମାନଙ୍କୁ ନେଇ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ବ୍ୟବସ୍ଥା ଅଛି। ସରକାରୀ କର୍ମଚାରୀ ତାଙ୍କ କାର୍ଯ୍ୟାଳୟରେ ଧୂମପାନ କଲେ ୫୦୦ଟଙ୍କା ଏବଂ ଦୁଇଜଣ ମିଶି ଧୂମପାନ କଲେ ୧୦ ହଜାର ଟଙ୍କାର ଜୋରିମାନା କଥା ବି ଅଛି।

ଏସବୁ ସତ୍ତ୍ୱେ ଧୂମପାନକାରୀଙ୍କ ସଂଖ୍ୟା ବଢ଼ି ରହିଛି। ଆଇନ୍ ତା' ପୋଥି ଭିତରେ ନୀରବ। କର୍ମୀଙ୍କ କଥା ଛାଡ଼। ମଦ କୁହେ; ତୁମେମାନେ ମୋତେ ଖାଉନ, ମୁଁ ତୁମକୁ ଖାଉଛି। ଏବେ ଧୂମପାନ କଥା ସେୟା, ଆମେ କ'ଣ କହିବା ଯେ ଧୂମପାନ ଆମକୁ ଖାଉ !

ଧୂମପାନ ନିଷେଧ ପାଇଁ ଆମ ଜାତୀୟ ସରକାର ନାନାବିଧ ପଦକ୍ଷେପ ନେଇଛନ୍ତି। ସିଗାରେଟ୍ ଟାଣିବା ଓ ତମାଖୁ ଚୋବାଇବାରେ କଡ଼ା କଟକଣା ଜାରିକରିବାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଏକ କମିଟି ଗଠନ କରାଯାଇଥିଲା। ଗତ ସେପ୍ଟେମ୍ବର ୨୦୧୪ରେ କମିଟି ତାଙ୍କ ସୁପାରିଶ ଦେଇଛନ୍ତି। ଏହା ଏକ ସ୍ପର୍ଶକାତର ବିଷୟ ହେତୁ ଆଗାମୀ ଶୀତକାଳୀନ ଅଧିବେଶନରେ ସଂସଦରେ ପାରିତ ହୋଇ ନିୟମରେ ପରିଣତ ହେବାର ଅଛି। ଏହା ଯଦି ହୁଏ, ତେବେ ପୂର୍ବ ଆଇନ୍‌ର ସଂଶୋଧିତ ରୂପରେ ସର୍ବସାଧାରଣ ସ୍ଥାନରେ ଧୂମପାନ କଲେ ପୂର୍ବ ପ୍ରଚଳିତ ୨୦୦ ଟଙ୍କା ପରିବର୍ତ୍ତେ ଏହା ୨୦ ହଜାର ଟଙ୍କା ଜୋରିମନା ହେବ। ସିଗାରେଟ୍‌ର ବ୍ୟବହାର ରୋକିବା ଏବଂ ହ୍ରାସ ପାଇଁ ଏଣିକି ପ୍ୟାକେଟ୍‌ରୁ ଖୋଲି କେହି ଖୁଚୁରା ବିକିପାରିବେ ନାହିଁ। କାରଣ ଖୋଲା ସିଗାରେଟ୍ ପାନ ବିଡ଼ି ସିଗାରେଟ୍ ଦୋକାନରେ ଅଧିକ ବିକ୍ରି ହୋଇଥାଏ। ତେବେ ପ୍ୟାକେଟ୍ ବିକ୍ରି ଉପରେ ବି ପ୍ରଶ୍ନବାଚୀ ଅଛି। ପ୍ୟାକେଟ୍‌ଟିଏ ପାଖରେ ଥିଲେ ଅଧିକ ପିଇବାକୁ ଇଚ୍ଛା ହୁଏ। ପୁନଶ୍ଚ କଂପାନୀମାନଙ୍କୁ ସତର୍କ କରାଇ କୁହାଯାଇଛି ଯେ ସେମାନେ ପ୍ୟାକେଟ୍ ଉପରେ ୮୦% ସ୍ଥାନରେ ବୈଧାନିକ ସତର୍କତାସ୍ୱରୂପ ଫଟୋ ସହିତ ଚେତାବନୀକୁ ଦୃଶ୍ୟମାନ ବଡ଼ ଆକାରରେ ସ୍ଥାନିତ କରିବେ। ପୂର୍ବରୁ ଏହାକୁ ଖିଲାଫ କଲେ ୫୦୦୦ ଟଙ୍କା ଜୋରିମନା ଦେବାକୁ ଥିଲା। ଏବେ ଏହାକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଖାଲି ସେତିକି ନୁହେଁ, ତମାଖୁ ସେବନ ନିମନ୍ତେ ସର୍ବନିମ୍ନ ବୟସ୍ ୧୮ରୁ ୨୫କୁ ବୃଦ୍ଧି କରାଯାଇଛି। ଏହା କେତେଦୂର କାର୍ଯ୍ୟକାରୀ ହେବ, ତାହା କେବଳ ଦେଖିବାକୁ ବାକି ରହିଲା।

ପ୍ରତିବର୍ଷ ୧୧ ଅକ୍ଟୋବରକୁ ଧୂମପାନ ନିଷେଧ ଦିବସ ରୂପେ ପାଳନ କରିବାକୁ ଘୋଷଣା କରାଯାଇଛି। ଏହା ମାଧ୍ୟମରେ ଛାତ୍ରଛାତ୍ରୀ, ଶିକ୍ଷକ, ବୁଦ୍ଧିଜିବୀ ଏବଂ ସର୍ବସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇ ଧୂମପାନ ସେବନରୁ ନିବୃତ୍ତ କରାଇବାକୁ ପ୍ରବର୍ତ୍ତାଯାଉଛି।

ଧୂମପାନ କେବଳ ଆମ ରୋଗର ଏକ ମାରାତ୍ମକ କାରଣ ନୁହେଁ। ଏହା ଏକ ନିହାତି ଅସଭ୍ୟତା ଏବଂ ଅଭଦ୍ରତା। ଏ ନେଇ ଗାନ୍ଧି କହିଛନ୍ତି- ***"ଯେବେଠାରୁ ମୁଁ ବଡ଼ ହୋଇଛି, ମୁଁ କେବେବି ଧୂମପାନ କରିବାକୁ ଇଚ୍ଛା କରିନାହିଁ ଏବଂ ସର୍ବଦା ଧୂମପାନ ଅଭ୍ୟାସକୁ ଅସଭ୍ୟ, ଘୃଣ୍ୟ ଓ କ୍ଷତିକାରକ ବୋଲି ବିବେଚନା କରିଛି। ମୁଁ କେବେବି ବୁଝିପାରିନାହିଁ ଯେ ସମଗ୍ର ବିଶ୍ୱରେ ଧୂମପାନ ପାଇଁ ଏତେ ଆବେଗ କାହିଁକି? ଧୂମପାନ କରୁଥିବା ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିବା ଏକ ରେଳଡ଼ବାରେ ବସିବାକୁ ମୁଁ ସହ୍ୟ କରିପାରିବି ନାହିଁ। -ସତ୍ୟ ସହିତ ମୋ ପରୀକ୍ଷା।"***

# କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ବିବାଦ

ଆମ ଦେଶର ଜାତିଗତ ବିବାଦ ସଂପର୍କୀୟ ଘଟଣା ସବୁବେଳେ ଆମେ ବହୁଳ ଭାବରେ ଆଲୋଚନା କରି ସେ ସମୟର ନିର୍ଯାତନା ପାଇଁ ଏବେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟଙ୍କୁ ଦାୟୀ କରି ନିନ୍ଦା ଓ ଭତ୍ସନା ଜାରି ରଖିଛୁ । ପ୍ରତିଦିନ ମନୁଙ୍କ ସପ୍ତପୁରୁଷକୁ ଶ୍ରାଦ୍ଧ କରାଯାଉଛି । ବ୍ରାହ୍ମଣମାନଙ୍କ ମୁହଁରେ କଳା ବୋଳାଯାଉଛି । ଆମ ଦେଶରେ ଜାତିଗତ ବିଭେଦ ପାଇଁ କେବେ ରକ୍ତପାତ ହୋଇ ନଥିଲା । ସମୟ ଅନୁଯାୟୀ ଲୋକମାନେ ଅତୀତକୁ ଭୁଲି ସଂହତିର ଜୀବନ କଟାଇଲା ବେଳକୁ ଆମ ନେତାମାନେ ଲୋକମାନଙ୍କୁ ଶାନ୍ତିରେ ରଖାଇ ଦେଉନାହାନ୍ତି । ଦଳିତ, ଅନୁସୂଚିତ ବୋଲି ଅନେକ ଶବ୍ଦ ସୃଷ୍ଟି କରି ସବୁବେଳେ ଅତୀତକୁ ଉଖୁରାଉଛନ୍ତି । ନାନାପ୍ରକାର ସଂରକ୍ଷଣରେ ଦେଶକୁ ଶତ ବିଭକ୍ତ କରି ନିଜର ଭୋଟବ୍ୟାଙ୍କ ସୃଷ୍ଟି କରି ଚାଲିଛନ୍ତି ।

ମଧ୍ୟଯୁଗରେ ଖାଲି ଭାରତ ନୁହେଁ, ପୃଥିବୀର ସବୁଆଡେ ଭୟଙ୍କର ଧର୍ମଗତ ବିଭେଦ ଲାଗିଥିଲା । ଯେଉଁ ୟୁରୋପୀୟମାନେ ଆଜି ସାହେବ ହୋଇଛନ୍ତି, କ୍ରୀତଦାସ ପ୍ରଥା ଭଳି ଜଘନ୍ୟ ପ୍ରଥାକୁ ଶହ ଶହ ବର୍ଷ ବଂଚ-ାଇ ରଖିଥିଲେ । ମଣିଷକୁ ପଶୁଠାରୁ ଆହୁରି ହୀନ କରିଥିଲେ । ଖ୍ରୀଷ୍ଟଆନମାନେ ସେମାନଙ୍କର ଜାତିଭେଦ ନାହିଁ କହି ଆମକୁ ଘୃଣା କରନ୍ତି, ସେମାନଙ୍କର କାଥୋଲିକ ଓ ପୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ବିବାଦ ହୋଇ ଶହ ଶହ ଜିଅନ୍ତା ମଣିଷକୁ କିପରି ପୋଡି ମାରୁଥିଲେ, ତାହାର ସାକ୍ଷୀ ଇତିହାସ ହିଁ ରହିଛି ।

ପ୍ରଥମ ଖ୍ରୀଷ୍ଟାବ୍ଦସରେ ପ୍ରାଚୀନ ଇସ୍ରାଏଲ ଭୂମି (ଜୁଡାଇ)ର ଜେସସ କ୍ରାଏଷ୍ଟ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ଏକ ନୂତନ ଧର୍ମ ଆଗମନରେ ଆତଙ୍କିତ ହୋଇ ସେଠାର ମୂଳ ଅଧିବାସୀ ଇହୁଦୀମାନଙ୍କର ପୂଜକ ମାନେ ରୋମାନ ଶାସକ ହିରୋଡଙ୍କ ଆଗରେ ଯୀଶୁଙ୍କ ବିରୁଦ୍ଧରେ ଆରୋପ ଆଣି ତାଙ୍କୁ କ୍ରୁସ ବିଦ୍ଧ କରାଇ ହତ୍ୟା କରିଥିଲେ । ସେତେବେଳେ ଧର୍ମରେ ନୂଆ ଚିନ୍ତାଧାରାକୁ ପ୍ରାଣଦଣ୍ଡ ଦେଇ ଦବାଇ ଦିଆଯାଉଥିଲା । ପରେ ପଲ, ପିଟର ଭଳି ଶିଷ୍ୟମାନେ ଆତ୍ମବଳି ଦେଇ ଏହାର ପ୍ରଚାର କରିଥିଲେ । ନୂତନ ଧର୍ମାବଲମ୍ବୀମାନେ ନାନା ନିର୍ଯାତନାର ଶିକାର ହେଲେ । ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ କନଷ୍ଟାଣ୍ଟଇନ ରୋମର ରାଜଧର୍ମ ରୂପେ ଖ୍ରୀଷ୍ଟଧର୍ମ କୁ ଗ୍ରହଣ କରିବାରୁ ଏହା ସାରା ରୋମ ସାମ୍ରାଜ୍ୟରେ ବ୍ୟାପିଗଲା । ଚର୍ଚ୍ଚମାନ ପ୍ରତିଷ୍ଠା କରାଗଲା । ରୋମର ବିଶପଙ୍କୁ ପୋପ କୁହାଗଲା । ଧର୍ମକୁ ରୋମାନ କାଥୋଲିକ (Universal) ଧର୍ମ ନାମ ଦିଆଗଲା । ଖ୍ରୀଷ୍ଟ ଧର୍ମର ଧର୍ମଗ୍ରନ୍ଥ ବାଇବେଲ ଲାଟିନ ଭାଷାରେ ଲେଖା ଥିଲା । ପ୍ରତି ରବିବାର ଦିନ ଚର୍ଚ୍ଚକୁ ଯିବା ବାଧ୍ୟତାମୂଳକ ଥିଲା। ମଣିଷର ବ୍ୟକ୍ତିଗତ ଜୀବନକୁ ଚର୍ଚ୍ଚ ନିୟନ୍ତ୍ରଣ କଲା। ୟୁରୋପର ଏକ ତୃତୀୟାଂଶ ଜମି ଚର୍ଚ୍ଚ ଅଧୀନରେ ଥିଲା । ପୋପ ଖ୍ରୀଷ୍ଟଆନ ଜଗତର ସର୍ବୋଚ୍ଚ ଧର୍ମଗୁରୁ ହେଲେ । ବିସପ, କାଡିନାଲ, ପ୍ରିଷ୍ଟ ମାଧ୍ୟମରେ ସାଧାରଣ ଲୋକମାନେ ଈଶ୍ୱରଙ୍କ ଉପଲବ୍ଧି କରୁଥିଲେ । ଅନୁତାପ, କନଫେସନ, ବାପ୍ଟିଜିମ ଓ ସତକାମ ଏହି ଧର୍ମର ମୂଳମନ୍ତ୍ର ଥିଲା । ପୋପ ସମସ୍ତ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ଗୁରୁ ଥିଲେ । ସେ ବିସପ, କାଡିନାଲମାନଙ୍କୁ ନିଯୁକ୍ତି ଦେଉଥିଲେ । ପାପାଲ କିଙ୍ଗଡମ ନାମରେ ରାଜ୍ୟର ଶାସକ ମଧ୍ୟ ଥିଲେ । ପ୍ରତ୍ୟେକ ଶାସକ ନିଜ ଅଭିଷେକ, ବିବାହ ପାଇଁ ପୋପଙ୍କର ଅନୁମତି ନେଉଥିଲେ । କାଥୋଲିକ ଧର୍ମରେ କୌଣସି ଭିନ୍ନମତକୁ ଆଶ୍ରୟ ଦିଆଯାଉ ନ ଥିଲା । ନିଜର ନୂଆ ମତ (Heliocentrism,The Sun not Earth is in centre) ପାଇଁ ବୟସ୍କ ବୈଜ୍ଞାନିକ ଗାଲିଲିଓଙ୍କୁ ନାନା ଅପମାନ ଦିଆଗଲା (୧୫୩୪) । ସେ ମିଛୁଆ ଓ ଉଦଭ୍ରାନ୍ତ (Heratic) ବୋଲି ଘୋଷଣା କରାଗଲା । ସେ ଜୀବନଯାକ ଗୃହବନ୍ଦୀ ରହିଲେ । କବର ପାଇଁ ଯାଗା ଦିଆଗଲା ନାହିଁ । କାଳକ୍ରମେ ଅନେକ ଚିନ୍ତାଶୀଳ ବ୍ୟକ୍ତି ଧର୍ମର ସଂସ୍କାର ଚାହିଁଲେ । ସେମାନଙ୍କ ମଧ୍ୟରେ ଜର୍ମାନର ମାର୍ଟିନ ଲୁଥର ଓ କାଲଭିନ ପ୍ରଧାନ । ସେ ୯୫ ଥେସିସ ନାମରେ ଏକ ପୁସ୍ତକ ଲେଖି (୧୫୨୩) ପୋପଙ୍କ ଆଧିପତ୍ୟକୁ ପ୍ରୋଟେଷ୍ଟ କରିବାରୁ ତାଙ୍କ ଧର୍ମକୁ ପ୍ରୋଟେଷ୍ଟାଣ୍ଟ କୁହାଗଲା । ସେମାନେ ବାଇବେଲକୁ ସ୍ଥାନୀୟ ଭାଷାରେ ଛପାଇଲେ । ଈଶ୍ୱର ଓ ବ୍ୟକ୍ତି ମଧ୍ୟରେ ପ୍ରିଷ୍ଟର (ଚର୍ଚ୍ଚ) ମାଧ୍ୟମ ଦରକାର ନାହିଁ ବୋଲି କହିଲେ । ମଦର ମେରୀଙ୍କ ଈଶ୍ୱରତ୍ୱକୁ ମାନିଲେ ନାହିଁ । ଅନୁତାପ, ସତକର୍ମ ବଦଳରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସକୁ ପ୍ରାଧାନ୍ୟ ଦେଲେ । ଦଣ୍ଡରୁ କ୍ଷମା ପାଇଁ ଚର୍ଚ୍ଚମାନେ ଅର୍ଥ ନେବାକୁ ବିରୋଧ କଲେ । ସେମାନେ ନିଜର ସ୍ୱତନ୍ତ୍ର ଚର୍ଚ୍ଚ (Redemption) ପ୍ରତିଷ୍ଠା କଲେ । ପ୍ରତ୍ୟେକ ଚର୍ଚ୍ଚ ସମାନ ବୋଲି ଘୋଷଣା କଲେ । ଏହାର ସାମନା ପାଇଁ ପୋପ ସଂସ୍କାର କାର୍ଯ୍ୟକାରୀ କଲେ (୧୫୨୭) । ଜର୍ମାନୀର ଶାସକମାନେ ଲୁଥରଙ୍କୁ ସମର୍ଥନ କଲେ । ଜର୍ମାନୀ ସେତେବେଳେ ପବିତ୍ର ରୋମାନ ସମାଜର ଅନ୍ତର୍ଗତ ଥିଲା, ଯେ କି ପୋପଙ୍କର ଦୃଢ ସମର୍ଥକ ଥିଲେ । ଜର୍ମାନରେ ତିରିଶ ବର୍ଷ ଧରି ଯୁଦ୍ଧ ଚାଲିଲା । ଅନେକ ରାଜ୍ୟ ଧ୍ୱଂସ ହେଲା । କୁହାଯାଏ ଜର୍ମାନର ଏକ ତୃତିୟାଂଶ ଲୋକ ଏହି ଧର୍ମଯୁଦ୍ଧରେ ମରିଗଲେ । ଲାଟିନ ଆମେରିକା, ଇଟାଲି, ସ୍ପେନ୍, ପର୍ତ୍ତୁଗାଲ, ୨୩-ଇଷ୍ଟର୍ଣ୍ଣ ଅର୍ଥୋଡକ୍ସ କାଥୋଲିକ ଧର୍ମର (୧.୨ ବିଲିଅନ) ସମର୍ଥକ ଥିଲେ । ଜର୍ମାନ, ଫ୍ରାନସ, ଆମେରିକା, ହଲାଣ୍ଡ ପ୍ରୋଟେଷ୍ଟାଣ୍ଟକୁ ଆପଣେଇଲେ (୮୦ ମିଲିଅନ) । ଏଥିନେଇ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଚାଲିଲା । ଇଂଲଣ୍ଡର ହେନେରି-୮ଙ୍କ ପୋପଙ୍କ ସହ ବିବାଦ ହେବାରୁ ସେ ନିଜ ଦେଶରେ କାଥୋଲିକ ଚର୍ଚ୍ଚମାନ ବନ୍ଦ କରାଇଦେଲେ । ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ଅନେକ ଦେଶ ଛାଡିଲେ । ତାଙ୍କ କନ୍ୟା ମେରି ଶାସକ ହେଲାପରେ କାଥୋଲିକଙ୍କୁ ସମର୍ଥନ କଲେ । ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ । ତାଙ୍କର ମାତ୍ର ୫ ବର୍ଷ ଶାସନ ମଧ୍ୟରେ ଆର୍କ ବିଶପ କାଉନବରି (କ୍ରାନମର)ଙ୍କ ସମେତ ୨୭୮ ଜଣଙ୍କୁ ନିଆଁରେ ପୋଡି ମାରିଥିଲେ । ସେଥିପାଇଁ (Inquisition Law) ବୋଲି ଲୋକେ ଡାକିଲେ । ସ୍ପେନର ଜଣେ ପ୍ରୋଟେଷ୍ଟାଣ୍ଟ କେଟେନ ରିପିଲ (ଶିକ୍ଷକଙ୍କୁ) ଧର୍ମଯାଜକ ପ୍ରିସାଲିନଙ୍କୁ ପୋଡି ମାରିଦିଆଗଲା । ତାଙ୍କର ଅପରାଧ ହେଲା ସେ ଚର୍ଚ୍ଚରେ ପ୍ରାର୍ଥନା ନକରି ଘରେ ପ୍ରାର୍ଥନା କରାଉଥିଲେ । ଆୟରଲାଣ୍ଡରେ କାଥୋଲିକମାନଙ୍କୁ ୪୫ ଫୁଟ ବାଡ ଦିଆଯାଇ ନିଆରା ରଖାଗଲା । ଇଂଲଣ୍ଡରେ ଗୃହଯୁଦ୍ଧ ହୋଇ ରାଜା ଚାର୍ଲସ (କାଥୋଲିକ)ଙ୍କୁ ହତ୍ୟା କରାଗଲା । ସାରା ୟୁରୋପରେ ଇହୁଦୀ ମାନଙ୍କୁ ଘୃଣା କରି ଘେଟୋରେ ରଖାଗଲା ।

ଭିନ୍ନ ମତାବଲମ୍ବୀମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ପୋପ କାଥେଲିକମାନଙ୍କ Inquisition Law ପ୍ରଣୟନ ପାଇଁ ଆଦେଶ ଦେଲେ । ଏହା ବର୍ତ୍ତମାନର ତାଲିବାନ ଆଇନଠାରୁ ଆହୁରି ଜଘନ୍ୟ ଥିଲା । ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଲେ । ଯେଉଁମାନେ ଠିକ୍ ଭାବେ ଧର୍ମ ଆଚରଣ କରୁନଥିବେ (Heratics, Heresy) ସେମାନଙ୍କ ପାଇଁ ବିଭିନ୍ନ ଦଣ୍ଡର ବ୍ୟବସ୍ଥା ରହିଲା । ବିଶେଷତଃ ନିୟୁ ଖ୍ରୀଷ୍ଟିଆନ (Converted Christian)ମାନେ ନିଜ ପୁରୁଣା ଧର୍ମର ବ୍ୟବସ୍ଥା ମାନୁଥିବାରୁ ଏହାର ଶିକାର ହେଉଥିଲେ । ଦଣ୍ଡ ହେଲା, ନିଆଁରେ ପୋଡି ମାରିବା, ସାଧାରଣ ଜାଗାରେ ବାନ୍ଧି ଚାବୁକ ମାରିବା, ଲୋକମାନେ ଟେକା ଫିଙ୍ଗିବା, ଛିପ ପକାଇବା, ଯାହା ଏକ ପୂଣ୍ୟ କାର୍ଯ୍ୟ ବୋଲି ବିବେଚିତ ଥିଲା। ନିର୍ଜନ କାରାବାସ, ଦେଶାନ୍ତର, ଉପରୁ କଚାଡି ହାଡ ଗୋଡ ଭାଙ୍ଗି ଦେବା । ଶାସକ ମାନେ ନିଜ ବିରୋଧୀଙ୍କୁ ଏହି ସୁଯୋଗରେ ଧର୍ମଦ୍ରୋହୀ କହି ଦଣ୍ଡ ଦେଲେ । ସାରା ୟୁରୋପ ଓ ସେମାନଙ୍କର କଲୋନିମାନଙ୍କରେ ହଜାର ହଜାର ବ୍ୟକ୍ତିଙ୍କୁ ହତ୍ୟା କରାଗଲା । ପର୍ତ୍ତୁଗୀଜ ଅଧିକୃତ ଗୋଆରେ ଧର୍ମପ୍ରାଣ ସେଣ୍ଟ ଫ୍ରାନସିସ ଜାଭିଅରଙ୍କ ଆଦେଶରେ ୭୦ ଜଣଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ୟୁରୋପରୁ ଏହି କଳାରାତି ନେପୋଲିଅନଙ୍କ ଆବିର୍ଭାବରେ ସମାପ୍ତ ହୋଇଥିଲା । ସେ ଆଦେଶ ଦେଇ ଏହି ଆଇନକୁ ଉଠାଇ ଦେଇଥିଲେ । ଆମର ଅତୀତକୁ ସମାଲୋଚନା କଲା ବେଳେ ସେହି ଉନ୍ନତ ଦେଶମାନଙ୍କ ଅତୀତକୁ ତୁଳନା କଲେ, ଆମ ବ୍ୟବସ୍ଥା ଯେ ତାଙ୍କ ଠାରୁ ସହସ୍ରଗୁଣ ଉଦାର ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରିବ । ସେଥିପାଇଁ ଆମର ଅତୀତରେ ଯାହାକିଛି ଦୁର୍ବଳତା ରହିଛି, ତାହା ପାଇଁ ଲଜ୍ଜିତ ହେବାର ଆବଶ୍ୟକତା କିଛି ନାହିଁ ।

# ବିଷାଦଗ୍ରସ୍ତ ଭାରତ

ବ୍ୟସ୍ତବହୁଳ ଜୀବନରେ ଜଞ୍ଜାଳମୟ ମୁହୂର୍ତ୍ତ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରୁଛି। କର୍ମକ୍ଷେତ୍ର ଠାରୁ ବୃତ୍ତିଗତ କ୍ଷେତ୍ର ସବୁଠି ବ୍ୟସ୍ତତା, ଅଶାନ୍ତି ଓ ବିଶାଦର ଚିହ୍ନ। ନିକଟରେ ଜାତୀୟ ସ୍ୱାସ୍ଥ୍ୟ ବୁଲେଟିନର ତଥ୍ୟକୁ ଅନୁଯାୟୀ ଭାରତକୁ ଏକ ପ୍ରକାର ବିଷାଦମୟ ପରିବେଶ ସଂକ୍ରମିତ କରିଛି ବୋଲି ପରୋକ୍ଷରେ ତଥ୍ୟ ରଖିଛି। କେବଳ ସେତିକି ନୁହେଁ ସମାଜ ବିଜ୍ଞାନୀଙ୍କ ମତରେ ଭାରତକୁ କୁହାଯାଇଛି ଆତ୍ମହତ୍ୟାର ରାଜଧାନୀ। ଏହାର କାରଣ ଭାବେ ମେଡ଼ିକାଲ ରିସର୍ଚ୍ଚ ଆସୋସିଏସନ୍ ଦର୍ଶାଇଛି ଯେ ଭାରତ ଦିନକୁ ଦିନ ଅଧିକରୁ ଅଧିକ ବିଷାଦଗ୍ରସ୍ତ ହୋଇ ପଡ଼ୁଛି। ଏହାର କାରଣ ଅନେକ। ଯୁବକମାନଙ୍କ ଭିତରେ ରହିଛି ପରୀକ୍ଷା ବା ଚାକିରୀ ପାଇବାରେ ବିଫଳତା ଏବଂ ବେକାରୀ। ପ୍ରେମଜନିତ ଆତ୍ମହତ୍ୟା ଘଟନା ବି ବେଶ୍ ବଢ଼ିବାରେ ଲାଗିଛି। ସେହିପରି ଘରଣୀମାନେ ମଧ ଆଗଠାରୁ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। ସେମାନଙ୍କ ପରେ ଆସୁଛନ୍ତି ବୃଦ୍ଧ ବା ବୃଦ୍ଧା। ବରିଷ୍ଠ ନାଗରିକମାନେ ମଧ ନିଃସଙ୍ଗତା ଓ ଆର୍ଥିକ ଅନଟନଜନିତ କାରଣରୁ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭାରତର ପ୍ରାୟ ଦୁଇ ତୃତୀୟାଂଶ ଲୋକେ ସାମାନ୍ୟ ଭାବେ ବିଷାଦଗ୍ରସ୍ତ। କିନ୍ତୁ ଏକ ଚତୁର୍ଥାଂଶ ଭାରତ ଅତି ମାତ୍ରାରେ ବିଷାଦଗ୍ରସ୍ତ, ଯାହାକି ଆତ୍ମହତ୍ୟାର ମୁଖ୍ୟ କାରଣ। ଜଣାପଡ଼ିଛି ଯେ ଭାରତରେ ଏବେ ପ୍ରତି ପନ୍ଦର ମିନିଟ୍‌ରେ ତିନିଟି ଆତ୍ମହତ୍ୟା ଘଟନା ଘଟୁଛି। ଏହି ତିନିଟି ଭିତରୁ ୧୮ରୁ ୨୯ ବର୍ଷ ବୟସ ଭିତରେ ଯୁବକ ବା ଯୁବତୀଙ୍କ ସଂଖ୍ୟା ହେଉଛି ଗୋଟିଏ। ଭାରତକୁ ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯିବା ପଛରେ କାରଣ ହେଉଛି ପ୍ରତିବର୍ଷ ଯେତିକି ଆତ୍ମହତ୍ୟା ଘଟନା ରିପୋର୍ଟ ହେଉଛି ତା ସଂଖ୍ୟା ଏକ ଲକ୍ଷରୁ ଅଧିକ। ନ୍ୟାସନାଲ କ୍ରାଇମ୍ ବ୍ୟୁରୋର ରିପୋର୍ଟରୁ ଜଣା ପଡ଼ିଛି ଯେ ପ୍ରତିଟି ଆତ୍ମହତ୍ୟା ସଫଳ ହେବା ପଛରେ ରହିଥାଏ ପ୍ରାୟ ୧୨ଟି ବିଫଳ ଆତ୍ମହତ୍ୟାର ଉଦ୍ୟମ ହୋଇଥାଏ। ଜଣାପଡ଼ିଛି ଯେ ଭାରତରେ ବିଷ ପିଇ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ। ଏବେ ଆତ୍ମହତ୍ୟାର ଧାରାରେ ଯେଉଁ ପରିବର୍ତ୍ତନ ବିଷୟରେ ସୂଚନା ମିଳିଛି ତାହା ହେଲା, ଏବେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଆତ୍ମହତ୍ୟାର ସଂଖ୍ୟା ବଢ଼ିଛି। ଛାତ୍ରଛାତ୍ରୀମାନଙ୍କ ଭିତରେ ଆତ୍ମହତ୍ୟାକୁ ରୋକିବାକୁ ହେଉଥିବା ବିଭିନ୍ନ ସ୍ତରୀୟ ଉଦ୍ୟମ ପରେ ସେଥିରେ କିଞ୍ଚିତ ରୋକ ଲାଗିଥିବାର ଦେଖାଯାଉଛି। ଶାସ୍ତ୍ର କହୁଛି ମଣିଷ ହେଉଛି ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ବରଦାନ। କିନ୍ତୁ ସବୁକିଛି ଥାଇ ବି ଆମ୍ଭମାନଙ୍କ ଭିତରେ ବିଷାଦ କାହିଁକି ସ୍ଥାନ ପାଉଛି। ଜୀବନରେ ଅଭାବ ଯନ୍ତ୍ରଣା, ଅପମାନ ଠାରୁ ଅନେକ ଝଡ଼ଝଞ୍ଜାର ସ୍ଥାନ ରହିଛି। ସବୁଠି ପରିସ୍ଥିତିର ପ୍ରତିକୂଳକୁ ସାମ୍ନା କରି ଜୀବନ ପଥକୁ ଆଗକୁ ମାଡ଼ିଚାଲିବାର କଥା। ଆମ୍ଭେମାନେ ଚେଇଁ ଶୋଇଲା ପରି ସବୁକିଛି ଜାଣି ବି ଅଜଣା ପାଲଟୁଛେ। ବିଷାଦର ମୁଖ୍ୟ କ୍ଷେତ୍ର ହେଉଛି ହତାଶବୋଧ ଯାହାକି ଜୀବନର ଶେଷ ରାସ୍ତାରେ ମଣିଷଟିକୁ ପହଞ୍ଚାଇ ଦେଉଛି। ବାସ୍ତବାଦୀ ଜୀବନରେ ଦରଦାମ୍‌ର ବୋଝ, ପରିବାରକୁ ସମୟ ଦେଇନପାରି ବ୍ୟସ୍ତତାର ମାନସିକତା, କାର୍ଯ୍ୟକ୍ଷେତ୍ରରେ ଗୁରୁଦାୟିତ୍ୱ, ଇପ୍‌ସିତ ବସ୍ତୁ ବା ସମ୍ପତି ନପାଇବା, ତଥାକଥିତ ଭାଗ୍ୟବାଦୀ ଜ୍ୟୋତିଷଙ୍କ ପରାମର୍ଶରେ ଭାଗ୍ୟନାହିଁ ବିଚାର କରିବା ପରି ବିଭିନ୍ନ ପ୍ରକାର ମାନସିକତା କବଳିତ କରୁଛି ଲୋକଚରିତ୍ରକୁ। ସମାଜରେ ବିଷାଦଗ୍ରସ୍ତତା ସବୁଠାରୁ ବଡ଼ ବ୍ୟାଧି ବୋଲି ମହାପୁରୁଷ ସେମାନଙ୍କ ମାର୍ଗଦର୍ଶନରେ କହିଛନ୍ତି। ବିଷାଦତା ଏକ ରୋଗ ନୁହେଁ ବାସ୍ତବରେ ଏହା ଏକ ମାନସିକତା। କ୍ଷୁଦ୍ର କୁଟୀରରେ ରାଜଉଆଁସର ସୁଖ ଜଣେ ପାଇ ନପାରେ କିନ୍ତୁ ଶାନ୍ତି ତ ନିଶ୍ଚିତ ପାଇପାରିବ! ତେବେ ଏ ସବୁ ଜାଣି କ'ଣ ପାଇଁ ବିଷାଦଗ୍ରସ୍ତ ସମାଜରେ ଆମ୍ଭେମାନେ ଜୀବନ ନିର୍ବାହ କରୁଛେ। ଆସନ୍ତୁ ବିଷାଦଗ୍ରସ୍ତତାକୁ ମନ ଭିତରୁ ଦୂର କରି ଜୀବନକୁ ଭଲ କାମ ପାଇଁ ଭଲ ରାସ୍ତାରେ ନେବା ସହ ବିଷାଦଗ୍ରସ୍ତ ଭାରତକୁ ବଦଳାଇବାରେ ଗୁଣ୍ଡୁଚି ମୂଷା ପରି ଜଣେ ନାଗରିକ ହିସାବରେ ଦାୟିତ୍ୱ ନିର୍ବାହ କରି ସମାଜର କଲ୍ୟାଣ ସାଧିତ କରିପାରିବା।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଧର୍ମଶାଳା ବ୍ଲକର ଅଗ୍ରଣୀ ସଙ୍ଗଠନ ପ୍ରଗତିଶୀଳ ସାହିତ୍ୟ ସଂସଦ ପକ୍ଷରୁ ସଭାପତି ଆଦିତ୍ୟ ମାହୁନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. କାମଦେବ ଶତପଥୀ ଉତ୍କଳମଣିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ , ସମ୍ମାନୀୟ ଅତିଥି ଭାବେ ସାମ୍ବାଦିକ ମାନସ ରନ ଜେନା ଓ ମାନସ ରଂଜନ ବିଶ୍ୱାଳ ଯୋଗଦେଇ ଗୋପବନ୍ଧୁଙ୍କ ସେବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଉପଦେଷ୍ଟା ଦେବବ୍ରତ ରାଉତ ଅତିଥି ପରିଚୟ ଦେଇଥିବା ବେଳେ ସାମାଜିକ କର୍ମୀ ନିରନ ଖିଲାର ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଲେଖକ ଧ୍ରୁବ ଚରଣ ବିଶ୍ୱାଳ, ସାମ୍ବାଦିକ ଅଖିଳ ସ୍ୱାଇଁ, ସାମାଜିକକର୍ମୀ ମକରଧ୍ୱଜ ଦାସ ଓ ମିହିର ଖୁଂଟିଆଙ୍କୁ ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସହ ସମ୍ପାଦକ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ । ସେହିପରି ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅ'ର୍ଗତ ଅରଙ୍ଗାବାଦ ଗ୍ରାମରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟ'ୀ ସଭାରେ ରବି ଲାବଣ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ପୈତୃକ ଗୃହର ସଂରକ୍ଷଣ ଏବଂ ସଂଗ୍ରହାଳୟ ନିର୍ମାଣ କରାଯିବା ସହିତ ଜନ୍ମ ପୀଠ ସୁଆଣ୍ଡୋ କୁ ପର୍ଯ୍ୟଟନ କେନ୍ଦ୍ର ଭାବେ ଘୋଷଣା କରିଥିବାରୁ ଶ୍ରୀ ଲାବଣ୍ୟ ଏଥିପାଇଁ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଥିଲେ । ଭରତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟ'ୀ ସଭାରେ ଅରୁଣ କୁମାର ସ୍ୱାଇଁ, ଚକ୍ରଧର ସାହୁ, ସୁଶା' ସାହୁ, ରଜତ ସାହୁ, ଶ୍ରୀକାନ୍ତ ବାରିକ , ସୁବ୍ରତ କୁମାର ଜେନା, ଅସିତ କୁମାର ଜେନା, କପିଳେନ୍ଦ୍ର ସେଠୀ, ଧିରେନ୍ଦ୍ର ଦାସ, ସୁଶା' ସାହୁ, ସରୋଜ ପଲେଇ ପ୍ରମୁଖ ବହୁ ଯୁବ ନେତା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଯୁବନେତା କିଶୋର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଜାରକାସ୍ଥିତ ଗୋପବନ୍ଧୁ ଛକ ପ୍ରତିମୁର୍ତୀ ନିକଟରେ ଗୋପବନ୍ଧୁଙ୍କ ଜୟ'ୀ ପାଳିତ ହୋଇଯାଇଛି । ଗୋପବନ୍ଧୁ ସ୍ମୃତି କମିଟିର ସଭାପତି କିଶାନ ପଣ୍ଡାଙ୍କ ତତ୍ୱବଧାନରେ ଅନୁଷ୍ଠିତ ସଭାରେ ସମର୍ଥ ସଭାପତି କାହ୍ନି ଚରଣ ଦାଶ, କୃଷକ ନେତା ବଟକୃଷ୍ଣ ପରିଡା, ଶିକ୍ଷକନେତା ଯୁଧୀଷ୍ଠିର ସ୍ୱାଇଁ, ଅଧ୍ୟାପକ ପ୍ରଶା' କୁମାର ସାହୁ, ଗାନ୍ଧିବାଦୀ ନେତା ଲକ୍ଷ୍ମୀଧର ନାୟକ, ପୁର୍ବତନ ସମିତିସଭ୍ୟ ନରୋତମ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ଜୀବନା ଦର୍ଶନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ରମେଶ ରାଉତ, ଅଶହାୟ ବନ୍ଧୁ ପରିବାର ପକ୍ଷରୁ ସଭାପତି କିଶୋର ସାହୁ, ସମ୍ପାଦକ ଗଣେଶ୍ୱର ନାୟକ, କୋଷାଧ୍ୟକ୍ଷ ପୀତବାସ ନାୟକ, ସଦସ୍ୟା କାଦମ୍ବିନୀ ମିଶ୍ର, ତପନ ସାହୁ, ଅଜୟ ସେଠୀ, କୈଳାସ ମହାଁ, ନାରାୟଣ ପଣ୍ଡା,କପିଳେଶ୍ୱର ରଣା ପ୍ରମୁଖ ଯୋଗଦେଇ ସଫେଇ କାର୍ଯ୍ୟକରିବା ସହ ଚମ୍ପାଚାରା ରୋପଣ କରିଥିଲେ । ସଦସ୍ୟ ଦେବାଶିଷ ପରିଡା ଧନ୍ୟବାଦ ଦେଇଥିଲେ ।

# ଉତ୍କଳମଣି ଗୋପବନ୍ଧୁ ସେବାସଂଘ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ସଂସ୍କୃତି ପରିଷଦ ଓ ଉତ୍କଳମଣି ଗୋପବନ୍ଧୁ ସେବାସଙ୍ଘ ମିଳିତ ଆନୁକୁଲ୍ୟରେ ଜାରକାସ୍ଥିତ ସିଭିକ୍ ସେଂଟର ପରିସରରେ ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ଅବସରପ୍ରାପ୍ତ ପ୍ରଫେସର ଡ. ନଟବର ଶତପଥୀ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ ଉଦଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ସିଡିଏମଓ ଡା. ବିଜୟ କୁମାର ଶତପଥୀଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଶତପଥୀ ଯୋଗଦେଇ ପ୍ରତ୍ୟେକ ଓଡିଆଙ୍କ ବୁନିଆଦି ଓ ସ୍ୱାଭିମାନ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଅକ୍ଷୟ କୁମାର ଜେନା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ପ୍ରବୋଧ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋପବନ୍ଧୁଙ୍କ ରଚନାରୁ ପ୍ରାରମ୍ଭିକ ସଙ୍ଗୀତ ସାଇକୃପା, ଋତୁପୁର୍ଣ୍ଣା ଓ ସମ୍ପୁର୍ଣ୍ଣା ତ୍ରିପାଠୀ ଗାନ କରିଥିଲେ । ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକା' ଚ୍ୟାଉପଟ୍ଟନାୟକ ମଂଚ ଆମନ୍ତ୍ରଣ କରିଥିବା ବେଳେ ମାଧୁରୀ ଶତପଥୀ, ମିନତୀ ସାହୁ ଓ ତପନ କିଶୋର ଷଡଙ୍ଗୀ ଭଜନ ପରିବେଷଣ କରିଥିଲେ । ଗୋପବନ୍ଧୁଙ୍କ ସମ୍ପର୍କରେ ବଳଦେବଜିୟୁ ହାଇସ୍କୁଲର ଛାତ୍ରୀ ସାଇସୁଲଗ୍ନା ନନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସଂସ୍କୃତି ପରିଷଦ ପକ୍ଷରୁ ପ୍ରକାଶିତ 'ଲେଖନୀ' ପତ୍ରିକା ଓ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରବନ୍ଧ ପୁସ୍ତକ 'ଅମୃତ ତଟିନୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ପ୍ରଶଂସା ପତ୍ର ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ସହ-ସମ୍ପାଦକ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୧୬**

# ସମ୍ବିଧାନରେ 'ସମାଜବାଦ' ଶବ୍ଦକୁ ସାମିଲ କରିବାର ବିରୋଧୀ ଥିଲେ ଆମ୍ବେଦକର


ଡ. ସମନ୍ୱୟ ନନ୍ଦ

ଆଜି ହେଉଛି ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ । ଡ. ଆମ୍ବେଦକର ଜଣେ ଦେଶର ଅଗ୍ରଣୀ ଆଇନ ବିଶାରଦ ଥିଲେ । ସମ୍ବିଧାନ ସଭାର ଡ୍ରାଫ୍ଟ କମିଟିର ସେ ଅଧ୍ୟକ୍ଷ ଥିଲେ । ସମ୍ବିଧାନ ପ୍ରସ୍ତୁତ କରିବାରେ ତାଙ୍କର କେତେ ଯୋଗଦାନ ଥିଲା ତାହା କାହାକୁ ଅଛପା ନାହିଁ । ଏହାର ଅଧିକାଂଶ କାମ ଡ. ଆମ୍ବେଦକରଙ୍କୁ ହିଁ କରିବାକୁ ପଡିଥିଲା

ପ୍ରଶ୍ନ କେବଳ ତାଙ୍କର ବୌଦ୍ଧିକ ଯୋଗଦାନର ନାହିଁ, ସମ୍ବିଧାନର ମୂଳ ଅବଧାରଣାକୁ ସ୍ଥାପିତ କରିବା ପାଇଁ ବାବା ସାହେବଙ୍କର କଣ ଯୋଗଦାନ ଥିଲା ତାହା ଉପରେ ଦୃଷ୍ଟି ପକାଇବା ଆବଶ୍ୟକ । ବର୍ତମାନ ସେକୁଲାରିଜମ ଓ ସମାଜବାଦକୁ ନେଇ ଚର୍ଚା ଚାଲିଛି। ଏହି ଦୁଇ ଶବ୍ଦକୁ ବାବା ସାହେବ ସମ୍ବିଧାନର ପ୍ରସ୍ତାବନାରେ ସାମିଲ କରି ନ ଥିଲେ, କେବଳ ସେତିକି ନୁହେଁ, ଏହାକୁ ବିରୋଧ ମଧ୍ୟ କରିଥିଲେ ।

ବାବା ସାହେବଙ୍କ ବିରୋଧକୁ ଆଜିର ସନ୍ଦର୍ଭରେ ବୁଝାଯାଇ ପାରିବ ନାହିଁ । ୧୯୪୫ରୁ ୫୦ ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ସମାଜବାଦର ଲହରୀ ଥିଲା ଯେଉଁ ମାନେ ସମାଜବାଦ କଥା କହୁଥିଲେ ସେମାନଙ୍କୁ ପ୍ରଗତିଶୀଳ ବୋଲି କୁହାଯାଉଥିଲା । ଯେଉଁ ମାନେ ସମାଜବାଦ କଥା କହୁ ନ ଥିଲେ ସେମାନଙ୍କୁ ସମାଲୋଚନା କରାଯାଉଥିଲା । କହିବାକୁ ଗଲେ ସେତେବେଳେ ସମାଜବାଦର ଲହରୀରେ ବହି ଯିବାକୁ ପ୍ରଗତିଶୀଳତାର ପ୍ରତୀକ ବୋଲି ମନେ କରାଯାଉଥିଲା ଦେଶରେ ସେତେବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଭାବୀ ନେତା ଥିଲେ ପଣ୍ଡିତ ଜବାହରଲାଲ ନେହେରୁ । ସେ ମଧ୍ୟ ସମାଜବାଦର ଦୃଢ ସମର୍ଥକ ଥିଲେ । ସମାଜବାଦର ପ୍ରତ ଖୁବ ଅନୁକୂଳ ବାତାବରଣ ଥିଲା । ଏହି ଭଳି ପରିସ୍ଥିତିରେ ସମାଜବାଦକୁ ସମ୍ବିଧାନର ମୂଳ ଅବଧାରଣାରେ ସାମିଲ କରିବାକୁ ନେଇ ଡ. ଆମ୍ବେଦକରଙ୍କ ଉପରେ ସ୍ୱାଭବିକ ଭାବେ ଚାପ ରହିଥିଲା । କେବଳ ସେତିକି ନୁହେଁ କିଛି ନେତା ତାଙ୍କୁ ଏହି ଶବ୍ଦକୁ ସାମିଲ କରିବାକୁ ଅନୁରୋଧ ମଧ୍ୟ କରିଥିଲେ । ପ୍ରୋ.କେ.ଟି ଶାହ ଏହାକୁ ସାମିଲ କରିବାକୁ ତାଙ୍କ ନିକଟରେ ଅନୁରୋଧ କରିଥିଲେ । ସମ୍ବିଧାନ ସଭାରେ ହୋଇଥିବା ବିତର୍କର ରେକର୍ଡକୁ ଅଧ୍ୟୟନ କଲେ ସ୍ପଷ୍ଟ ହୋଇଯାଏ ଯେ ପ୍ରୋ. ଶାହ ଏହି ଦୁଇ ଶବ୍ଦକୁ ସାମିଲ କରିବାକୁ ଅନୁରୋଧ କରିଥିଲେ । ଏହା ସତ୍ତ୍ୱେ ଡ. ଆମ୍ବେଦକର ଏହାକୁ ପ୍ରସ୍ତାବନାରେ ସାମିଲ କରି ନ ଥିଲେ । ଏ ସମ୍ପର୍କରେ ଅନୁରୋଧ ଓ ଦାବିକୁ ସେ ଅସ୍ୱୀକାର କରିଥିଲେ । ଡ. ଆମ୍ବେଦକର ଏହାର ଉତ୍ତରରେ କହିଥିଲେ ଯେ ଆମେ କୌଣସି ବାଦ ବା ବିଚାରକୁ ଭାବୀ ପିଢ଼ିଙ୍କ ବେକରେ କିପରି ବାନ୍ଧି ପାରିବା ? ଆମ୍ବେଦକରଙ୍କ ସ୍ପଷ୍ଟ ମତ ଥିଲା ଯେ ଯଦି ସମ୍ବିଧାନର ମୂଳ ପ୍ରସ୍ତାବନାରେ କୌଣସି ବାଦ ବା ବିଚାରକୁ ସାମିଲ କରି ଦିଆ ଯିବ ତେବେ ଆମେ ତାଙ୍କ ଉପରେ ଏକ ନିଶ୍ଚିତ ମତବାଦକୁ ଲଦି ଦେବା ପରି ହେବ । ଏହା ଦ୍ୱାରା ସେମାନଙ୍କର ସ୍ୱତନ୍ତ୍ର ଚିନ୍ତନ ପ୍ରଭାବିତ ହେବ । ଏ ସମ୍ପର୍କରେ ଡ. ଆମ୍ବେଡକରଙ୍କର ବିଚାରରେ ଏ ନେଇ ସମ୍ପୂର୍ଣ୍ଣ ସ୍ପଷ୍ଟତା ଥିଲା । ସେ ଏଇ କଥାକୁ ନେଇ ଦୃଢ ଥିଲେ ଯେ ଦେଶର ଭାବି ପିଢ଼ିଙ୍କୁ କୌଣସି ଏକ ନିଶ୍ଚିତ ବିଚାରଧାରାରେ ବାନ୍ଧି ଦେବା ଅନୁଚିତ । ବାସ୍ତବରେ ସମ୍ବିଧାନ ସଭାରେ ଓ ପରେ ସଂସଦରେ ଡ. ଆମ୍ବେଦକର ଏ ସମ୍ପର୍କରେ ଯେଉଁ ଭାଷଣ ଦେଇଥିଲେ ସେଥିରୁ ମୂଳ ଅବଧାରଣା ସମ୍ପର୍କରେ ତାଙ୍କର ଚିନ୍ତନ ସ୍ପଷ୍ଟ ହୋଇଥାଏ । ସେ ଜଣେ ମୌଳିକ ଚିନ୍ତକ ଥିଲେ ତାହା ମ୍ଭ ସ୍ପଷ୍ଟ ହୋଇଥାଏ କିନ୍ତୁ ପରବର୍ତୀ ସମୟରେ ଦେଶରେ ଜରୁରୀକାଳୀନ ପରିସ୍ଥିତିରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ସମାଜବାଦ ଓ ସେକୁଲାରିଜମ ଶବ୍ଦକୁ ସମ୍ବିଧାନର ପ୍ରସ୍ତାବନାରେ ସାମିଲ କରାଇ ନେଇଥିଲେ । ବାସ୍ତବରେ ଦେଖିବାକୁ ଗଲେ ଏହି ଉଭୟ ଶବ୍ଦ ଓ ବିଚାର ଭାରତୀୟ ବିଚାର ନୁହେଁ । ସମ୍ବିଧାନ ଦିବସ ପାଳନ କରାଯିବା ପରିପ୍ରେକ୍ଷୀରେ ବର୍ତମାନ ଡ. ଆମ୍ବେଦକର ଓ ତାଙ୍କ ଦ୍ୱାରା ପ୍ରସ୍ତୁତ କରା ଯାଇଥିବା ସମ୍ବିଧାନର ମୂଳ ଭାବନା ଉପରେ ବିତର୍କ ଚାଲିଛି । ବିଭିନ୍ନ ରାଜନୈତିକ ଦଳର ନେତା ମାନେ କହୁଛନ୍ତି ଯେ ବାବା ସାହେବଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନର ମୂଳ ଭାବନା ଅକ୍ଷୁର୍ଣ୍ଣ ରହିବା ଆବଶ୍ୟକ । ଏଭଳି ପରିସ୍ଥିତିରେ ଏହି ଦୁଇ ଶବ୍ଦ ସମାଜବାଦ ଓ ସେକୁଲାରିଜମକୁ ସମ୍ବିଧାନର ମୂଳ ପ୍ରସ୍ତାବନାରେ ରଖିବା ବା ନ ରଖିବାକୁ ନେଇ ବିତର୍କ ହେବାର କଣ ଆବଶ୍ୟକତା ନାହିଁ ?

# ଓଁ ଶ୍ରୀ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାଦେବଙ୍କ ପ୍ରସିଦ୍ଧ ଅଶୋକାଷ୍ଟମୀ ରଥଯାତ୍ରା


ପ୍ରଦୀପ ସେନାପତି




ପୁରୁଣା ଭୁବନେଶ୍ୱର, ଏକାମ୍ର କ୍ଷେତ୍ର ହେଉଛି ଶୈବକ୍ଷେତ୍ରର ପୀଠସ୍ଥଳୀ ଭାବରେ ବିଶ୍ୱବିଖ୍ୟାତ । ଏହି କ୍ଷେତ୍ରରେ ଏଠାରେ ପୂଜା ପାଉଛନ୍ତି ମହାପ୍ରଭୁ ଶ୍ରୀଶ୍ରୀଶ୍ରୀ ଲିଙ୍ଗରାଜ ମହାଦେବ ଏବଂ ଲକ୍ଷାଧିକ ଶିବଲିଙ୍ଗ । ତେଣୁ ଏହି କ୍ଷେତ୍ରର ନାମ ଏକାମ୍ର କ୍ଷେତ୍ର ବା ଏକାମ୍ର କାନନ ବୋଲି ମଧ୍ୟ କୁହାଯାଏ । ଶ୍ରୀ କ୍ଷେତ୍ରର ରଥଯାତ୍ରା ପରି ଏକାମ୍ର କ୍ଷେତ୍ରରେ ମଧ୍ୟ ଅନୁଷ୍ଠିତ ହୁଏ ମହାପ୍ରଭୁ ଶ୍ରୀଶ୍ରୀଶ୍ରୀ ଲିଙ୍ଗରାଜ ମହାଦେବଙ୍କର ପ୍ରସିଦ୍ଧ ରଥଯାତ୍ରା, ଚନ୍ଦନ ଯାତ୍ରା, ଶିତଳଷଷ୍ଠୀ ଓ ପବିତ୍ର ମହାଶିବରାତ୍ରୀ ଜାଗର ଯାତ୍ରା ମହୋତ୍ସବ ଇତ୍ୟାଦି । ପ୍ରଭୁ ଶ୍ରୀଶ୍ରୀଶ୍ରୀ ଲିଙ୍ଗରାଜ ମହାଦେବ ରଥରେ ଯାଉଥିବା ରୁକୁଣା ରଥର ପ୍ରତିଷ୍ଠା କାର୍ଯ୍ୟ ଫଗୁଣ (ଫାଲଗୁନ ମାସ) ଦୋଳ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥାଏ । ରଥର ନିର୍ମାଣ କାର୍ଯ୍ୟ ନେତ୍ରସ୍ରୋବକୁ ସରିଯାଏ । ଏହି ରଥଯାତ୍ରାର ସବିଶେଷ ବିଶେଷତ୍ୱ ଚୈତ୍ରମାସ ଅଶୋକାଷ୍ଟମୀ ଏହି ତିଥିରେ ପ୍ରତ୍ୟକ ବର୍ଷ ସଂକ୍ଷିପ୍ତରେ ମୋର ଲେଖା ଖବରକାଗଜରେ ପ୍ରକାଶ ପାଇଆସୁଅଛି । ତେବେ, ଏହାର କିମ୍ୱଦନ୍ତୀ ଅନୁସାରେ, କେଦାରେଶ୍ୱର ମହାଦେବ ଓ ମା ଗୌରୀ ଠାକୁରାଣୀଙ୍କ ପୀଠସ୍ଥଳୀ ମରିଚି କୁଣ୍ଡରୁ ଜଳ ଆସେ ଓ ରଥର ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୁଏ । ଗଜପତି ମହାରାଜା ରାଜଗୁରଙ୍କ ପୌରହିତରେ ଏହାର ସମସ୍ତ ସେବା, ପୂଜା, କାର୍ଯ୍ୟକ୍ରମ ନୀତିନିର୍ଦ୍ଧିଷ୍ଟ ସମ୍ପନ୍ନ ହୁଏ । ଯୋଗେଶ୍ୱର 'ଶିବ' ହେଉଛନ୍ତି ମହାଯୋଗୀ ଆଶୁତୋଷ । ସେ ରୁଦ୍ର, ସେ ପୁଣି କଲ୍ୟାଣକାରୀ । ସଂସାର ଭିତରେ ଥାଇ ମଧ୍ୟ ଯୋଗୀ ନିର୍ବିକାର । ସେ ଦେବଦେବ ମହାଦେବ ଭାବରେ ଅଗ୍ରପୂଜ୍ୟ । କିନ୍ତୁ ସକଳ କାମନା, ବାସନା ଓ ମୋହ ଠାରୁ ଉର୍ଦ୍ଧ୍ୱରେ ସେ ମହାଯୋଗୀ ପ୍ରଭୁ ଶ୍ରୀଶ୍ରୀଶ୍ରୀ ଲିଙ୍ଗରାଜ ମହାଦେବ । ମିତ୍ରେଶ୍ୱର ଲିଙ୍ଗରାଜଙ୍କ ମାମୁଁ ପ୍ରଥମାଷ୍ଟମୀରେ ଯାଆନ୍ତି ତାଙ୍କ ମନ୍ଦିରକୁ । ଚନ୍ଦନଯାତ୍ରାରେ ଲିଙ୍ଗରାଜଙ୍କର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବିନ୍ଦୁସରୋବରରେ ଚାପ ଖେଳନ୍ତି । ମାଘ ଶୁକ୍ଳ ସପ୍ତମୀରେ ପ୍ରଭୁ ଭାସ୍କରେଶ୍ୱର ମନ୍ଦିରକୁ ଯାଆନ୍ତି । ପର୍ଶୁରାମାଷ୍ଟମୀରେ ପର୍ଶୁରାମେଶ୍ୱର ମନ୍ଦିରକୁ ଯାଆନ୍ତି କା ର୍କ । ଯମ ଦ୍ୱିତୀୟାରେ ଯାଆନ୍ତି ଯମେଶ୍ୱର ମନ୍ଦିର । ସେହିପରି ଅଶୋକାଷ୍ଟମୀରେ ଯାଆନ୍ତି ରାମେଶ୍ୱର ମନ୍ଦିରକୁ ଏବଂ ଯେଉଁ ରଥରେ ଯାଆନ୍ତି ତାକୁ କୁହାଯାଏ ରୁକୁଣା ରଥ ଏବଂ ଯାତ୍ରାର ନାମ ରୁକୁଣାରଥ ଯାତ୍ରା ବୋଲି କୁହାଯାଇଛି । ବିଷ୍ଣୁଙ୍କ ରଥର ନାମ "ନନ୍ଦିଘୋଷ" ଶିବଙ୍କ ରଥର ନାମ "ଅମୋଘ", ସୂର୍ଯ୍ୟଙ୍କ ରଥର ନାମ "ହିରଣ୍ୟରେତସ", ଦୁର୍ଗାଙ୍କ ରଥର ନାମ "ରୁକୁଣୀ" । ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମହାଦେବ ନିଜର "ଅମୋଘ" ରଥରେ ଯାତ୍ରା ନକରି ରୁକଣୀ ରଥରେ ଯାତ୍ରା କରୁଥିବାରୁ ଏହି ରଥଯାତ୍ରାକୁ ରୁକୁଣା ରଥଯାତ୍ରା ବୋଲି ମଧ୍ୟ କୁହାଯାଏ ।

ଶୈବ, ଶାକ୍ତ ଓ ବୈଷ୍ଣବ ସମନ୍ୱୟ ରକ୍ଷାଲାଗି ଏହି ଯାତ୍ରା ଅନୁଷ୍ଠିତ । ଶ୍ରୀମନ୍ଦିରରେ ଦୁର୍ଗାମାଧବ ଉପାସନା ଓ ହରିହର ଉପାସନା ଦେଖିବାକୁ ମିଳେ । ଶିବ ଶକ୍ତିଯୁକ୍ତ ହେଲେ ହୁଅନ୍ତି ପୂର୍ଣ୍ଣରୂପ । ଶ୍ରୀକୃଷ୍ଣଙ୍କ ପାଟରାଣୀ ରୁକୁଣୀ, ଦୋଳଗୋବିନ୍ଦ ଓ ଶ୍ରୀଲିଙ୍ଗରାଜଙ୍କ ବିଜେ ଚଳନ୍ତିପ୍ରତିମା ଚନ୍ଦ୍ରଶେଖର ରଥରେ ଯାତ୍ରା କରନ୍ତି । ଏକାମ୍ର କ୍ଷେତ୍ରରେ ହରିହର ଉଭୟ ପୂଜା ପାଆନ୍ତି ତା' ସହିତ ରୁକୁଣୀ ଦୁର୍ଗା ରୂପରେ ପୂଜା ପାଆନ୍ତି ବାସନ୍ତୀକ ଦୁର୍ଗାଷ୍ଟମୀରେ । ତେଣୁ ଏହି ରୁକୁଣା ରଥରେ ଦୋଳଗୋବିନ୍ଦ ଓ ଚନ୍ଦ୍ର ଶେଖର ରଥଯାତ୍ରାରେ ଯାଉଥିବାରୁ ଏହି ରଥକୁ ରୁକୁଣା ରଥ ବୋଲି ମଧ୍ୟ ଶ୍ରୀଲିଙ୍ଗରାଜ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି । ରୁକୁଣା ରଥର ନାମ ଦେବଦଳନ ଯାହାକି, ସୁଭଦ୍ରା ରଥର ପ୍ରତୀକ । ରଥର ପ୍ରକୃତ ନିର୍ମାଣ କାର୍ଯ୍ୟାରମ୍ଭ ସରସ୍ୱତୀ ପୂଜାଠାରୁ ଆରମ୍ଭ ହୁଏ । ପୁରାଣର କିମ୍ୱଦନ୍ତୀ ଅନୁସାରେ "ତ୍ରିପୁରା ସୁର"କୁ ବଧ କରିବା ପାଇଁ ସବୁ ଦେବାଦେବୀମାନେ ଗୋଟିଏ ରଥ ଦେଇଥିଲେ । ଯାହା ଉପରେ "ଶିବ" ତ୍ରିପୁରାସୁରକୁ ଗୋଟିଏ ଶରରେ ନିଧନ କରିଥିଲେ । ସେହି ଦିବସକୁ ସ୍ମରଣ ଉଦ୍ଦେଶ୍ୟରେ ବିଜୟ ଉତ୍ସବ ରାମେଶ୍ୱର ମନ୍ଦିରରେ ପାଳନ କରାଯାଏ । ତ୍ରିପୁରାସୁର ସଂହାର ପରେ 'ଶିବ' ଏହି ରଥ ପରିତ୍ୟାଗ କରିଥିଲେ । ରୁକୁଣୀ ଭାଇ ରୁକୁଣ କୃଷ୍ଣଙ୍କ ଉପରେ ପ୍ରତିଶୋଧ ନେବାଲାଗି ଉଦ୍ୟମ କରି ଆଉ ଫେରିନଥିଲେ । ରାମଚନ୍ଦ୍ର ଯେତେବେଳେ ଚଉଦବର୍ଷ ବନବାସ ଯାଇଥିଲେ ଏହି ଏକାମ୍ର କାନନରେ ବାସ କରିଥିଲେ । ସୀତା ହରଣ ପରେ ଯେତେବେଳେ ହନୁମାନଜୀ ମହାରାଜ ଅଶୋକ ବନରେ ସୀତାଙ୍କୁ ଠାବ କରିଥିଲେ, ଖୁବ୍ ଶୀଘ୍ର ରାମଚନ୍ଦ୍ର ରାବଣକୁ ବଧ କରି ତାଙ୍କୁ ଉଦ୍ଧାର କରିବାର ପ୍ରତିଶ୍ରୁତି ପାଇ ସୀତା ଶୋକ ରହିତ ଥିଲେ । ରାବଣ ବଧ ପରେ 'ଶିବ'ଙ୍କ ଦର୍ଶନ ଓ ଆର୍ଶୀବାଦ ପାଇ ରାମ ଏକାମ୍ର କ୍ଷେତ୍ରରେ ରାମେଶ୍ୱର, ଲକ୍ଷଣେଶ୍ୱର, ଭରତେଶ୍ୱର ଓ ଶତ୍ରୁଘ୍ନେଶ୍ୱର ନାମକ ଲିଙ୍ଗ ସ୍ଥାପନ କରିଥିଲେ । କିମ୍ୱଦନ୍ତୀ ଅନୁସାରେ ଚୈତ୍ର ଅଶୋକାଷ୍ଟମୀ ତିଥିରେ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ହୋଇଥିଲା ଏବଂ ଏହି ପ୍ରତିଷ୍ଠା ଉତ୍ସବରେ ଶ୍ରୀଲିଙ୍ଗରାଜ ଓ ଭୁବନେଶ୍ୱରୀ ନିମନ୍ତ୍ରଣ ରକ୍ଷାକରି ଯୋଗ ଦେଇଥିଲେ । ଏହି ସ୍ମାରକୀରେ ଅଶୋକାଷ୍ଟମୀ ରଥଯାତ୍ରା ଅନୁଷ୍ଠିତ ହୁଏ । ଶିବଙ୍କର ଅନୁଷ୍ଠିତ ହୁଏ ଚତୁର୍ଦ୍ଦଶ ଯାତ୍ରା ଯାହା ମୁଁ ପୂର୍ବ ଉପରୋକ୍ତ ଲେଖିଅଛି । ତା' ମଧ୍ୟରୁ ଅଶୋକାଷ୍ଟମୀ ବା ରୁକୁଣା ରଥଯାତ୍ରା ହେଉଛି ପ୍ରମୁଖ ଯାତ୍ରା । ଶ ୁ କ ୍ଲ ପ କ୍ଷ ଅଶୋକାଷ୍ଟମୀ ଦିନ ପ୍ରଭାତରୁ ରୁକୁଣା ରଥ ମନ୍ଦିରକୁ ଯିବା ପୂର୍ବରୁ ଶ୍ରୀ ଜିଉଙ୍କ ପୂଜା ଅନୁଷ୍ଠିତ ହୁଏ । ଏହାପରେ ମୁକ୍ତେଶ୍ୱର ମନ୍ଦିର ନିକଟରେ ଥିବା ବୌଦ୍ଧଦେବୀ ମରିଚୀ କୁଣ୍ଡରୁ ଜଳ ସଂଗ୍ରହ କରି ରୁକୁଣାରଥକୁ ମାର୍ଜନା କରାଯାଏ । ପରେ ମରିଚୀ କୁଣ୍ଡରୁ ବନ୍ଧ୍ୟା ନାରୀ ଜଳ ସ୍ନାନ କରି ୮ଟି ଅଶୋକ କଢି ଖାଇ ସନ୍ତାନପ୍ରାପ୍ତିର କାମନା କରନ୍ତି । ଉପରବେଳା ଲିଙ୍ଗରାଜଙ୍କ ପ୍ରତିନିଧି ଚନ୍ଦ୍ରଶେଖର, ରୁକୁଣୀ ଓ ବାସୁଦେବଙ୍କୁ ମନ୍ଦିର ମଧ୍ୟରୁ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ଅଣାଯାଇ ରଥ ବିଜେ କରାଯାଏ । ରଥର ଚାଳକ ବୃଷଭ ଓ ସାରଥୀ ବ୍ରହ୍ମା ରଥ ଚାଳନା କରନ୍ତି 'ଡାହୁକ' ବୋଲିରେ । ମହାପ୍ରଭୁଙ୍କର ସ୍ୱର୍ଣ୍ଣାଦି ବିଜେ ହୁଏ । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତବୃନ୍ଦ ଦର୍ଶନ କରି ଭକ୍ତିଭାବାବେଗରେ ରଥକୁ ଟାଣି ନିଅନ୍ତି ମାଉସିମାଆ ମନ୍ଦିର ନିକଟକୁ । ମଝିରେ ଅସୁର କିଆରି ଠାରେ ମୁଆଁ ଭୋଗହୁଏ । ରଥ ଅଟକେ ରାମେଶ୍ୱର ମନ୍ଦିର ପାଖରେ ପା ଦିନ । ପ୍ରତ୍ୟାବ ର୍ନ ବା ବାହୁଡ଼ାଦିନ ଭୋର ୬ଘ ।ରେ ମଙ୍ଗଳ ଆରତୀ ପରେ ଲିଙ୍ଗରାଜ ଦୋଳଗୋବିନ୍ଦ, ମାଁ ରୁକୁଣୀ ଖଟୁଲିରୁ ଓହ୍ଲାଇ ସ୍ନାନକାର୍ଯ୍ୟ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବାଲଧୂପ ପରେ ବାହୁଡ଼ା ଯାତ୍ରା ଆରମ୍ଭ ହୁଏ । ରଥକୁ ବୁଲା ନଯାଇ ଆସ୍ଥାନ ଆଗପଟେ ରଖାଯାଏ । ସମ୍ମୁଖ ପଟ ବନ୍ଦ କରାଯାଇ ରଥ ଉପରେ ଥିବା ସିଂହାସନକୁ ପଛକୁ ବୁଲାଇ ଦିଆଯାଏ ଯାହା ସମ୍ମୁଖ ପାର୍ଶ୍ୱପରି କାମକରେ । ତେଣୁ କୁହାଯାଏ ଯେ ରୁକୁଣା ରଥ ଅଣଲେଉଟା । ଫେରିବାବେଳେ ତିନିମୁଣ୍ଡିଆ ଛକଠାରେ ଆମର ବ୍ରାହ୍ମଣ ନିଯୋଗ ପକ୍ଷରୁ ପଣାଲାଗି ଦିଆହୁଏ । ସେହିପରି ପୂଜାପଣ୍ଡା ନିଯୋଗ ଓ ବଡେଇବାଙ୍କ ଛକଠାରେ ବଡୁ ନିଯୋଗ ପକ୍ଷରୁ ପଣାଭୋଗ ଦିଆଯାଏ । ରଥଯାତ୍ରାରେ ପ୍ରଭୁ ପାର୍ବତୀଙ୍କୁ ସାଥିରେ ନେଇନଥିବାରୁ ପଥୁରିଆ ବଡୁସାହିଠାରେ ପହ ୍ଲାବେଳକୁ ମା'ପାର୍ବତୀ ପାଲିଙ୍କିରେ ଆସି ଚତୁଃ ପାର୍ଶ୍ୱରେ ବୁଲି ଅଭିମାନରେ ରଥର ଖଣ୍ଡେ ପଟା ଚୋରୀ କରି ନେଇଯାଆନ୍ତି ଏବଂ ମନ୍ଦିରକୁ ଫେରି ପୂର୍ବ-ଉ ର କୋଣରେ ମହାପ୍ରଭୁଙ୍କ ସ୍ୱର୍ଣ୍ଣାଦି ବିଜେକୁ ଚାହାଣି ମଣ୍ଡପରେ ଅପେକ୍ଷା କରନ୍ତି । ପ୍ରଭୁ ମନ୍ଦିରକୁ ଫେରିବା ସମୟରେ ଦକ୍ଷିଣ ଦ୍ୱାର ବନ୍ଦ ଥିବାର ଦେଖି ୨୧ଦିନ ଚାପରେ ଚନ୍ଦନଯାତ୍ରା ପାଇଁ ସାଥିରେ ନେବେ ବୋଲି ପ୍ରତିଶୃତି ଦେଲାପରେ ମା' ପାର୍ବତୀ ଅଭିମାନ ଭାଙ୍ଗି କବାଟ ଖୋଲନ୍ତି । ରଥ ଉପରେ ରସଗୋଲା ଭୋଗହୋଇ ବ ।ହେବାପରେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିରକୁ ପ୍ରବେଶ କରନ୍ତି । କୃପା ଓ କରୁଣାର ସୃଷ୍ଟିକୁ ବାବା ଶ୍ରୀଲିଙ୍ଗରାଜ ମହାପ୍ରଭୁ ଦର୍ଶନ କରି ଲୋକମାନଙ୍କର ଦୁଃଖ ହରଣ କରି, କଲ୍ୟାଣ କରି ମନ୍ଦିରକୁ ସ୍ୱର୍ଣ୍ଣାଦି ବିଜେ କରନ୍ତି । ତେଣୁ ଏ ସଂବଧରେ ବହୁ ଅସରନ୍ତି ଲୀଳା କଥା ଥିଲେ ସୁଧା ସ୍ୱଳ୍ପରେ, ସଂକ୍ଷେପରେ ମୁଁ ଲେଖି ଏହି ବାଣୀକୁ ବିରାମ ଦେଉଛି । ପୁଣି ଆରଥର ଏହି ପବିତ୍ର ଯାତ୍ରାରେ ମୋର ଧାରାବାହିକ ଲେଖା ସବୁବର୍ଷ ପରି ପ୍ରକାଶ ପାଉଛି ପାଉଥିବ ମଧ୍ୟ । ଜୟ ଶ୍ରୀ ଲିଙ୍ଗରାଜ ।

ସଭାପତି ତଥା ଗବେଷକ
*ଶ୍ରୀଶ୍ରୀଶ୍ରୀ ଲିଙ୍ଗରାଜ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ, ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨*
*ମୋ - ୭୮୪୮୮୯୮୪୫୬*

# ଉତ୍କଳର ବରପୁତ୍ର : ବିଜୁବାବୁ


ଅକ୍ଷୟ କୁମାର ରାଉତ

୧୯୩୬ ମସିହା, ଏପ୍ରିଲ୍ ପହିଲା । ସମଗ୍ର ଓଡ଼ିଆ ଜାତିର ଏକ ସ୍ମରଣୀୟ ଦିବସ । ଏହି ଦିନ ଓଡିଶା ଆମର ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ଲାଭ କରିଥିଲା । ଏହାପରେ ଆମ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନ କରିବାରେ ଯେଉଁ ବରପୁତ୍ରମାନେ ଜୀବନକୁ ଉତ୍ସର୍ଗ କରି ପାରିଥିଲେ, ବିଜୁବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କର ଅଚିନ୍ତନୀୟ ପରିକଳ୍ପନା, ଅସାଧାରଣ କର୍ତବ୍ୟନିଷ୍ଠା ଓ ଜାତିପ୍ରୀତି ହିଁ ଓଡିଶାର ଅଭିବୃଦ୍ଧି ପାଇଁ ବିଭିନ୍ନ ମାର୍ଗ ପ୍ରଦର୍ଶନ କରିପାରିଥିଲା । ସେଥିଲେ ଆମ ଓଡ଼ିଆ ଜାତିର ଏକ ଅମଳିନ ପ୍ରତିଭା । ତାଙ୍କୁ ଯେତେବେଳେ ମାତ୍ର ଆଠବର୍ଷ ବୟସ, ସେତେବେଳେ ସେ ହଠାତ୍ ଆପେଣ୍ଡିସ୍ ସାଇଟ୍ ରୋଗରେ ଆକ୍ରାନ୍ତ ହୋଇପଡିଲେ । ଅପରେସନ୍ ନହେଲେ ସେ ନିଶ୍ଚିତ ମୃତ୍ୟୁମୁଖରେ ପଡିବେ । ୧୯୨୩ ମସିହାର ସେହି ଏକ ବିବର୍ଣ୍ଣ ପ୍ରଭାତ । ଏହିଦିନ ପ୍ରଖ୍ୟାତ ରୋଗ ସର୍ଜନ ଡା. ପିବ୍ଲେର ତାଙ୍କଠାରେ ଅସ୍ତ୍ରୋପଚାର କରି ତାଙ୍କୁ ମୃତ୍ୟୁମୁଖରୁ ବଂଚାଇଥିଲେ । କଳିକା ଯେପରି କୁସୁମିତ ହୋଇ ତା'ର ରୂପ, ରସ ଓ ଗନ୍ଧରେ ଜନମନକୁ ହରଣ କରିଥାଏ, ସେହିପରି ବିଜୁବାବୁଙ୍କ ଜୀବନ କଳିକା କ'ଣ କୁସୁମିତ ନହୋଇ ଅକାଳରେ ଝଡିପଡ଼ିଥାନ୍ତା ! ଈଶ୍ୱରଙ୍କର ଅପାର କରୁଣା ତାଙ୍କ ଉପରେ ଅଜାଡି ହୋଇପଡ଼ିଥିଲା । ଏକ ମଧ୍ୟବିତ ପରିବାରରେ ଜନ୍ମ ହୋଇ ସୁସ୍ଥ ପରିବେଶ ମଧ୍ୟରେ ସେ ଆନନ୍ଦରେ ହସି ଖେଳି ପାଠ ପଢ଼ି ଚାଲିଲେ ।୧୯୩୨ ମସିହାରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ଏଂଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହ ୧ମ ଶ୍ରେଣୀରେ ଉ ର୍ତ୍ତ୍ଣ ହୋଇଥିଲେ । ଏହାପରେ ସେ କଟକ ରେଭେନ୍ସା କଲେଜରେ ଆଇ.ଏସ୍‌ସି ଓ ବି.ଏସ୍‌ସି ପଢ଼ିଥିଲେ ।ସୁଖର କଥା ପାଠପଢ଼ାରେ ସେ ଯେପରି ସୁନାମ ଅର୍ଜନ କରିଥିଲେ କଲେଜରେ କ୍ରୀଡା କ୍ଷେତ୍ରରେ ମଧ୍ୟ ସମସ୍ତ ରେକର୍ଡ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟିକରିଥିଲେ, ଯାହାକି ବହୁଦିନ ପର୍ଯ୍ୟନ୍ତ ତାଙ୍କ ରେକର୍ଡକୁ କେହି ଭଙ୍ଗକରି ପାରିନଥିଲେ । ତାଙ୍କ ପରି ଜଣେ ପ୍ରତିଥ ଯଶ ବ୍ୟକ୍ତିଙ୍କୁ ପାଇ ଓଡିଆ ଜାତି ଆଜି ନିଜକୁ ଧନ୍ୟ ମନେକରେ ।ତାଙ୍କର ପ୍ରଗତିଶୀଳ ଅଗ୍ରଗାମୀ ଚିନ୍ତାଧାରା ପାଇଁ ସେ ଶିଳ୍ପପତିର ସମ୍ମାନ ଲାଭ କରିଥିଲେ । ରାଜନୈତିକ ଶାସନକାଳ ଭିତରେ ସେ ବୈଜ୍ଞାନିକର ସ୍ୱର ଉ ।ଳନକରି ଓଡିଆ ଜାତିର ସର୍ବାଙ୍ଗୀନ ଉନ୍ନତିର ଉଦ୍ୟମ ଚଳାଇବାକୁ ଜୀବନର ଶେଷ ମୁହୂ ର୍ ପର୍ଯ୍ୟନ୍ତ ଭୁଲିନଥିଲେ । ଓଡିଆ ଜାତିର ସୁଖ, ଶାନ୍ତି କିପରି ବୃଦ୍ଧି ହେବ, ଏ ଜାତି ସମଗ୍ର ବିଶ୍ୱ ଦରବାରରେ କିପରି ପରିଚିତ ହୋଇପାରିବ,ଏ ସ୍ୱପ୍ନ ତାଙ୍କର ସାର୍ଥକ ହୋଇଛି କଳିଙ୍ଗ ପୁରସ୍କାର ପାଇଁ । ଭୁବନେଶ୍ୱରରେ ଓଡିଶା ଫ୍ଲାଇଙ୍ଗ୍ କ୍ଲବ୍ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ପାରିଥିଲା ।କଟକ ରେଭେନ୍ସା କଲେରେ ଓ୍ୟାରଲେସ୍ ଟ୍ରେନିଙ୍ଗ୍‌ର ବ୍ୟବସ୍ଥା କରି ସେ ଓଡିଆ ଯୁବକ ମାନଙ୍କୁ ଉକ୍ତ ତାଲିମ୍ ପାଇବାରେ ସୁଯୋଗ ଦେବା ସଙ୍ଗେସଙ୍ଗେ ପାଣିଜାହାଜ ଓ ଉଡ଼ାଜାହାଜ ଆଦି ସଂସ୍ଥାରେ ନିଯୁକ୍ତ ପାଇବାର ପଥ ସୁଗମ କରି ପାରିଛନ୍ତି । ବେଳେ ବେଳେ ଆମ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଇ.ଏସ୍‌ସି. ପରୀକ୍ଷା ଫଳ ପ୍ରକାଶ ପାଇବାରେ ବହୁ ବିଳମ୍ବ ଘଟୁଥିଲା । ରାଜ୍ୟ ବାହାରେ ଥିବା ବିଭିନ୍ନ ଇଂଜିନିୟରିଂ କଲେଜରେ ଯଥାସମୟରେ ଅଧ୍ୟୟନ କରିବାପାଇଁ ଛାତ୍ର ମାନଙ୍କ ଆବେଦନ କରିବାର ତାରିଖ ଚାଲି ଯାଉଥିଲା । ଯାହାଫଳରେ କି ଓଡ଼ିଶାର କୃତୀ ଛାତ୍ରମାନେ ଉକ୍ତ କଲେଜ ମାନଙ୍କରେ ନାମ ଲେଖାଇବାର ସୁଯୋଗରୁ ବଂଚିତ ହେଉଥିଲେ । ଅତିବ ଗର୍ବ ଓ ଗୌରବର କଥାଏହି ସମସ୍ୟାର ସମାଧାନ କରିବାକୁ ଯାଇ ରାଉଲକେଲା ଠାରେ ଏକ ଇଞ୍ଜିନିୟରିଂ କଲେଜ ସ୍ଥାପନ କରି ବିଜୁବାବୁ ଆଜି ବହୁ ପ୍ରତିଭାଧାରୀ ଓଡ଼ିଆ ପିଲାଙ୍କୁ ସେଠାରେ ଅଧ୍ୟୟନ କରିବାର ସୁଯୋଗ ଦେଇ, ତାଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି । ବ୍ରହ୍ମପୁର ଓ ସମ୍ୱଲପୁର ଠାରେ ଯଥାକ୍ରମେ ଭଞ୍ଜବିହାର ଓ ଜ୍ୟୋତିବିହାର ନାମକ ଦୁଇଟି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାରେ ବିଜୁବାବୁଙ୍କ ଭୂମିକା ଅବିସ୍ମରଣୀୟ । ଓଡିଆ ପିଲାଏ କିପରି ଅଧିକ ଶୃଙ୍ଖଳିତ ହୋଇ ଦେଶ ଓ ଜାତିର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିପାରିବେ, ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଯାଇ ସେ ଭୁବନେଶ୍ୱର ଠାରେ ଏକ ସୈନିକ ସ୍କୁଲ୍ ଓ ଡି.ଏମ୍.ସ୍କୁଲ୍ ପ୍ରତିଷ୍ଠା କରିଥିଲେ । ବିଶେଷ ଶିକ୍ଷା ପାଇଁ ସେ ଭୁବନେଶ୍ୱରରେ ରିଜିଓନାଲ କଲେଜ ଅଫ୍ ଏଜୁକେଶନ୍ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଯାଇଛନ୍ତି । ଏହା କେବଳ ତାଙ୍କର ପ୍ରଗାଢ଼ ଉତ୍ସାହ ଓ ଉଦ୍ୟମ ଯୋଗୁ ସମ୍ଭବ ହୋଇ ପାରିଛି । ଓଡିଶାକୁ ଏକ ଶିଳ୍ପୋନ୍ନତି ରାଜ୍ୟରେ ପରିଣତ କରିବାକୁ ଯାଇ ବିଜୁବାବୁ ଚୌଦ୍ୱାରରେ କଳିଙ୍ଗ ଟିଉବ୍‌ସ ଏବଂ ଓ.ଟି.ଏମ୍ ଲୁଗାକଳ ସ୍ଥାପନ କରି ଏ ରାଜ୍ୟର ପ୍ରଭୃତ ଉନ୍ନତି ସାଧନ କରିଯାଇଛନ୍ତି । ଦିନ ଥିଲା ଯେତେବେଳେ କି ଆମ ଓଡ଼ିଶା କେବଳ ଜଗତର ନାଥ ଜଗନ୍ନାଥଙ୍କ ନାମରେ ରାଜ୍ୟ ବାହାରେ ପରିଚିତ ହେଉଥିଲା । ଓଡ଼ିଶା ଆଜି କିନ୍ତୁ ପାରାଦ୍ୱୀପ ବନ୍ଦର ଯୋଗୁ ସମଗ୍ର ପୃଥିବୀରେ ସୁପରିଚିତ । ତେବେ ପାରାଦ୍ୱୀପ ବନ୍ଦର ଜନ୍ମ ଜାତକରୁ ଜଣାଯାଏ ଯେ ୧୯୪୮ ମସିହାରେ ଭାରତ ସରକାରଙ୍କ ପୋର୍ଟ ଟେକ୍‌ନିକାଲ୍ କମିଟି ଓ ୧୯୫୧ ମସିହାରେ କେନ୍ଦ୍ର ଜଳ ବିଦ୍ୟୁତ କମିଶନ ଏବଂ ଫରାସୀ ଟେକ୍‌ନିକାଲ୍ କମିଶନଙ୍କ ରିପୋର୍ଟ ଥିଲା ବନ୍ଦର ନିର୍ମାଣ ପାଇଁ ମହାନଦୀ ମୁହାଣ ହିଁ ଉପଯୁକ୍ତ ସ୍ଥାନ । ଏହି ରିପୋର୍ଟ ଫଳରେ ପାରାଦ୍ୱୀପରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ କରିବାପାଇଁ ପ୍ରସ୍ତାବ ହୋଇଥିଲା ।ଏହାପରେ ୧୯୫୪ ମସିହା ଅପ୍ରେଲ ମାସରେ ପୁନା ଠାରେ ସ୍ୱର୍ଗତ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଅଧକ୍ଷତାରେ ଜାତୀୟ ବନ୍ଦର ବୋର୍ଡର ବୈଠକରେ ଏହି ପରିକଳ୍ପନାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସ୍ୱର୍ଗତ ଶାସ୍ତ୍ରୀଜୀ ଆବଶ୍ୟକ ଅର୍ଥ ମଂଜୁର କରି ସାଧବପୁଅର ରାଜ୍ୟରେ ପାରାଦ୍ୱୀପ ଠାରେ ନୂତନ ରୂପରଙ୍ଗରେ ଏହି ବନ୍ଦରକୁ ଟେକି ଦେଲେ ଏ ଜାତିର ହାତରେ ।୧୯୫୮ ମସିହା ଜାନୁୟାରୀ ମାସରେ ପାରାଦ୍ୱୀପ ଏକ କ୍ଷୁଦ୍ର ବନ୍ଦର ରୂପେ ସ୍ୱୀକୃତି ଲାଭ କଲାପରେ ୧୯୬୨ ମସିହା ଜାନୁୟାରୀ ୩ ତାରିଖରେ ଭାରତର ସର୍ବ ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହାରଲାଲ୍ ନେହେରୁଙ୍କ ଦ୍ୱାରା ଏହି ବୃହତ୍ ପାରାଦ୍ୱୀପ ବନ୍ଦରର ଭିତିପ୍ରସ୍ତର ସ୍ଥାପିତ ହୋଇଥିଲା । ବିଶେଷ ଗର୍ବ ଓ ଗୌରବର କଥା ଯେ ଠିକ୍ ଏହି ସମୟରେ ବିଜୁବାବୁ ଥିଲେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ । ଏହି ବନ୍ଦରର ସର୍ବାଙ୍ଗୀନ ଉନ୍ନତି ନିମି ତାଙ୍କର ଉଦ୍ୟମ, ଉତ୍ସାହ ଓ ନିଷ୍ଠା ଏ ଜାତିର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା ଯୁଗ ଯୁଗକୁ ।ତୁଳସୀ ଦୁଇପତ୍ରରୁ ବାସିଲା ପରି ବଡ଼ମଣିଷଙ୍କ ପରିଚୟ ମଧ୍ୟ ତାଙ୍କ ପିଲାଦିନରୁ ହିଁ ଜଣା ପଡିଥାଏ । ବିଜୁବାବୁ ଯେ ଦିନେ ଓଡ଼ିଶାର ବରପୁତ୍ର ରୂପେ ପୂଜା ପାଇବେ, ଏକଥା ତାଙ୍କ ଛାତ୍ର ଜୀବନରୁ ହିଁ ଜଣା ପଡ଼ିଥିଲା । ବିଜୁବାବୁ ଯେତେବେଳେ କଟକ ରେଭେନ୍ସା କଲିଜିଏଟ୍‌ର ଛାତ୍ର, ଠିକ୍ ସେହି ସମୟରେ ନଈବଢ଼ିରେ ବରି ଅଂଚଳର ବିପନ୍ନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖଣ୍ଡେ ଦେଶୀ ଡଙ୍ଗା ଧରି ଉତ୍କଳମଣି ଗୋପବନ୍ଧୁ ଚୁଡା ଚାଉଳ ଆଦି ରିଲିଫ୍ ସାମଗ୍ରୀ ଧରି ବାଂଟିବାକୁ ଯାଉଥିଲେ । ସାଙ୍ଗରେ ତାଙ୍କର ଦଳେ ସ୍ୱେଚ୍ଛାସେବୀ କଲେଜ ଛାତ୍ର ମଧ୍ୟ ଯାଇଥାନ୍ତି । ବଢ଼ିଲା ନଈ । ଆକାଶରେ ଟାଣ ମେଘୁଆ ଖରା । ଏଥିପାଇଁ ଉତ୍କଳମଣିଙ୍କ ହାତରେ ଥିଲା ଖଣ୍ଡେ କପଡାଛତା । ଦୈବାତ୍ ସେହି ଛତାଟିକୁ ପବନ ତାଙ୍କ ହାତରୁ ଛଡାଇନେଇ ବଢ଼ିଲା ନଈରେ ପକାଇଦେଲା । ତା'ପରେ ପରେ ଡବ୍ କରି ଏକ ଶବ୍ଦ ହେଲା । ଦେଖାଗଲା ବିଜୁ ପଟ୍ଟନାୟକ ସେହି ଛତାଟିକୁ ଆଣିବାପାଇଁ ନଈ ସୁଅରେ ଧାଇଁଛନ୍ତି । ଏ ଦୃଶ୍ୟ ଦେଖି ସାଥୀମାନେ ସିନା ଛାନିଆ ହୋଇ ଯାଇଥିଲେ କିନ୍ତୁ ଉତ୍କଳମଣିଙ୍କ ଆଖିରୁ ଧାର ଧାର ଲୁହ ଛୁଟିଥିଲା । କିଛି ସମୟ ପରେ ବିଜୁବାବୁ ସେ ଛତାଟିକୁ ଧରି ଉଜାଣି ସୁଅରେ ଛୁଟି ଆସି ଡଙ୍ଗାକୁ ଉଠିଯାଇ ଆନନ୍ଦରେ ଛତାଟିକୁ ଗୋପବନ୍ଧୁଙ୍କ ହାତକୁବଢ଼ାଇ ଦେଇଥିଲେ । ହେଲେ ଗୋପବନ୍ଧୁ ତାଙ୍କୁ କୋଳକୁ ଟୋକିନେଇ ଲୁହ ଛଳଛଳ ଆଖିରେ ଶୁଣାଇଥିଲେ - ବାପ, ଏ ସାମାନ୍ୟ ଛତା ଖଣ୍ଡିକ ପାଇଁ ତୁ ଏତେବଡ଼ ଦୁର୍ଲ୍ଲଭ ଜୀବନକୁ ହରାଇ ଦେବାକୁ ଯାଉଥିଲୁ । ନିର୍ଭୀକ ଛାତ୍ର ବିଜୁବାବୁ ବିନୀତ ସ୍ୱରରେ ଶୁଣାଇଥିଲେ - ଆଜ୍ଞା, ମୋ ଜୀବନ ଠାରୁ ଅଧିକ ମୂଲ୍ୟବାନ ଆପଣଙ୍କର ଏଇ ଛତା ଖଣ୍ଡିକ । ଏତିକିରେ ଗୋପବନ୍ଧୁଙ୍କର ଅଶେଷ ଆଶୀର୍ବାଦ ଅଜାଡି ହୋଇପଡିଥିଲା ତାଙ୍କ ଉପରେ । ଅନ୍ୟ ଏକ ଦିନର ଘଟଣା । ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ୍‌ର ଶତବାର୍ଷିକ ଉତ୍ସବ ୩ ଦିନଧରି ପାଳିତ ହେଉଥାଏ । ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ ବିଜୁବାବୁ । ସ୍କୁଲର ୧୪ ଶହ ଛାତ୍ରଛାତ୍ରୀ, ଶହ ଶହ ନିମନ୍ତ୍ରିତ ଅତିଥି ତଥା ଅଭିଭାବକଙ୍କୁ ନେଇ ସ୍କୁଲ୍ ପ୍ରାଙ୍ଗଣଟି ଆନନ୍ଦ ମୁଖର ହୋଇଉଠୁଥାଏ । ସେଦିନ ଏହି ସଭାମଂଚର ଆଦ୍ୟ ଆକର୍ଷଣ ଥିଲା, ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ କଣ୍ଠରେ ସମବେତ କଣ୍ଠସଂଗୀତ । ଅତିଥିମାନେ ମଂଚାସୀନ ହେଲେଣି, ଆଉ ମାତ୍ର ଅଳ୍ପ ସମୟ ପରେ କୋରସ୍ ଆରମ୍ଭ ହେବ । ଏହି ସମୟରେ କେତେକ ତଳଶ୍ରେଣୀର ଛାତ୍ର ନିଜ ନିଜ ମଧ୍ୟରେ କଥାବାର୍ତା ହେଉଥିବାର ଦେଖି ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଖୁବ୍ ଚତୁରତାର ସହ ପିଲାମାନଙ୍କୁ ପାଟି ବନ୍ଦ କରିବାପାଇଁ ନାଲିଆଖି ଦେଖାଉଥିଲେ ।ବିଜୁବାବୁ ସଭାମଂଚରେ ଥାଇ ଏ ଦୃଶ୍ୟକୁ ବେଶ୍ ଅନୁଧ୍ୟାନ କରୁଥାନ୍ତି । ସଭାକାର୍ଯ୍ୟ ଆରମ୍ଭ ହୋଇନଥିଲେ ମଧ୍ୟ ବିଜୁବାବୁ ହଠାତ୍ ଉଠିପଡି ନିଜର ଭାଷଣ ଆରମ୍ଭ କରି ଶୁଣାଇଥିଲେ, "ପିଲାଏ, ତୁମେ ସବୁ ମୋର ଅତି ଆଦରର ପ୍ରିୟଭାଇ, ଭଉଣୀ । ଦିନେ ମୁଁ ତୁମରି ପରି ଏହି ସ୍କୁଲ୍‌ର ଛାତ୍ର ଥିଲି । ଆଜି ତୁମେ ଯେପରି ପାଟିତୁଣ୍ଡ କରୁଛ, ଆମେସବୁ ସେହିପରି ପାଟିତୁଣ୍ଡ କରୁଥିଲୁ । ତୁମ୍ଭମାନଙ୍କ ଠାରୁ ଅଧିକ ଦୁଷ୍ଟ ଥିଲି ମୁଁ । ଏହି ସ୍କୁଲରେ ଦିନକର ଘଟଣା । ସେଦିନ ବାରବାଟୀ କିଲ୍ଲା ଭିଲେଜ ଗ୍ରାଉଣ୍ଡର ଏକ ହେଲିକେପ୍ଟର ଓହ୍ଲାଇଲା । ତାକୁ ଦେଖିବାପାଇଁ ମୁଁ ଆନନ୍ଦରେ ଅଧୀର ହୋଇ ଉଠିଲି । ଭୂଗୋଳ ପିରିୟଡ । ସାର୍ ଭୂଗୋଳ ପଢ଼ାଉଥାନ୍ତି, ମୁଁ ସାରଙ୍କ ଅନୁମତି ନନେଇ କ୍ଲାସ୍‌ରୁ ପଳାଇଗଲିଂ । ଭିଲେଜ୍ ଗ୍ରାଉଣ୍ଡରେ ପହଁଚି ହେଲିକେପ୍ଟରରେ ହାତ ମାରିଦେଲି । ସଂଗେ ସଂଗେ ପୁଲିସ୍‌ର ଲାଠି ପ୍ରହାର ମୋ ପିଠିରେ ହୋଇଗଲା । ଦୁଷ୍ଟାମୀ କରିଥିବାରୁ ଏପଟେ ପୁଲିସ୍ ଓ ସେପଟେ ସାରଙ୍କ ଠାରୁ ଶାସ୍ତି ସିନା ପାଇଲି, ହେଲେ ସେଦିନ ମନେ ମନେ ଶପଥ କରିଥିଲି, ଦିନେ ନା ଦିନେ ମୁଁ ନିଶ୍ଚୟ ଉଡାଜାହାଜ ଚାଳକ ହେବି । ଈଶ୍ୱରଙ୍କ କୃପାରୁ ମୁଁ ଆଜି ଜଣେ ଦକ୍ଷ ପାଇଲଟ୍ ହୋଇପାରିଛି । ତେଣୁ ପିଲା ଏ ତୁମେ ସବୁ ଦୁଷ୍ଟାମୀ କର, ହେଲେ ସେହି ଦୁଷ୍ଟାମୀ ଭିତରେ ଜଣେ ବଡ଼ମଣିଷ ହେବାର ଆଶା ରଖ । ଏତିକି କହି ବିଜୁବାବୁ ବସି ପଡ଼ିଥିଲେ । ଏହାପରେ ଘନଘନ କରତାଳି ଧ୍ୱନିରେ ଏହି ଐତିହାସିକ ସାଂସ୍କୃତିକ ଉତ୍ସବର ପରିବେଶ ଆନନ୍ଦମୁଖର ହୋଇ ଉଠିଥିଲା ଏବଂ ପିଲାମାନେ ଶାନ୍ତ, ନୀରବ ବାତାକରଣ ସୃଷ୍ଟି କରିପାରିଥିଲେ । ବିଜୁବାବୁ ଥିଲେ ଓଡିଆ ଜାତିର ଏକ ଅଲିଭା ପ୍ରଦୀପ । ସେ ପ୍ରଦୀପ ଯୁଗ ଯୁଗ ଧରି ଏ ଜାତିର ପ୍ରଗତି ପଥକୁ ଆଲୋକିତ କରୁଥାଉ । ତାଙ୍କ ଅମର ଆତ୍ମାର ଜୟଗାନ ଏ ଦେଶର ଗଗନ ପବନକୁ ଏହିପରି ମୁଖରିତ କରୁଥାଉ ।

*ପାରାଦ୍ୱୀପଗଡ, ଜିଲ୍ଲା-ଜଗତ୍‌ସିଂହପୁର*
*ମୋ - ୯୯୩୭୬୯୧୪୭୫*




# ଧୂଳି ନିର୍ମଳ କରିବା ପାଇଁ ଦୁଇ ଦୁଇଟି ମେସିନ୍ ରହିବା ପରେ ମଧ୍ୟ ସଫା ହେଉ ନାହିଁ ଜୟପୁର ସହର



କୋରାପୁଟ ଜିଲ୍ଲା,(ପି.ଏନ):ଜୟପୁର ସହରରେ ରହିଥିବା ପ୍ରତ୍ୟେକ ୱାର୍ଡ ନଂ କିମ୍ବା ଗଳି ସାହିରେ ଆଜିକୁ କୁଢ଼ କୁଢ଼ ହୋଇ ପଡି ରହିଛି ଅଳିଆ ଆବର୍ଜ୍ଜନା, ଯେ ହେତୁ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଅନୁଦାନ ପ୍ରଦାନ ନିମନ୍ତେ ରାସ୍ତା ର ମଧ୍ୟ ଭାଗରେ ଜୋମା ରହିଥିବା ଅଳିଆ ଆବର୍ଜ୍ଜନାରୁ ମୁକ୍ତି ପାଇବା ପାଇଁ ସରକାର୍ ସ୍ୱଚ୍ଛ ଭାରତ ସ୍ୱଚ୍ଛ ଜୟପୁର ସୁନ୍ଦର ଜୟପୁର ନାମରେ କୋଟି କୋଟି ଟଙ୍କା ହଡପ କରୁଛନ୍ତି ଜୟପୁର ପୌର ନିର୍ବାହୀ ଅଧିକାରୀ ଯେପରିକି ବିଗତ ଦିନରେ ଜୟପୁର ପୌର ପାଳକା ର ମୋଟ ୩୦ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବର୍ତ୍ତମାନ ୬୦ଲକ୍ଷ୍ୟରୁ ଉର୍ଦ୍ଧ ଭାବରେ ଟେଣ୍ଡର ହେଉଛି ମାନେ ଏଥିରୁ ସ୍ୱଷ୍ଟ ଭାବରେ ଜଣା ପଡୁଛି ଯେ ନିର୍ବାହୀ ଅଧିକାରୀଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ମଧ୍ୟ ସାମିଲ୍ ହୋଇ ସରକାରଙ୍କ କିମ୍ବା ସାଧାରଣ ଜନତାଙ୍କ କର ଟଙ୍କା କୁ ଭାଗ ବଣ୍ଟନ କରିବାରେ କମ୍ ନୁହନ୍ତି, ଏଥି ପାଇଁ ତୁରନ୍ତ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି । ଯେତେ ବେଳେ ଦେଖିଲେ ଯେଉଁ ଗତିକୁ ସେହି ଗତିର ପରିଚ୍ଚୟ ମିଳୁଛି ନିୟମିତ ଭାବରେ ପରିବର୍ତ୍ତନ କଣ ହୋଇଛି ଯେ ଆଜି ଦୁଇ ଅଂଶ ଯୁକ୍ତ ଟଙ୍କା ବଢେଇ ଟଙ୍କା ଭାଗ କରିବାରେ ସଫଳ ହୋଇଛନ୍ତି ପୌରର ସ୍ୱାସ୍ଥ୍ୟ ପରିମଳ ବିଭାଗର ଲିପ୍ତ ରହିଥିବା ପ୍ରତ୍ୟେକ ଅଧିକାରୀ ଏବଂପୌର ଅଧକ୍ଷ , ଠିକା ସଂସ୍ଥାରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ଶ୍ରମିକ ମାନଙ୍କ ସହ ଖେଳ ଖେଳୁଛି, ଠିକା ସଂସ୍ଥା ନା ଠିକ୍ ସେ ଇ ପି ଏଫ୍ ଜମା କରୁଛନ୍ତି ନା, ଇ ଏସ ଆଇ ମଧ୍ୟ ଜମା କରୁଛନ୍ତି ଶ୍ରମିକ ହନ୍ତସନ୍ତ ,ଯଦି କୌଣସି ବ୍ୟକ୍ତି ମୋର କଣ ପାଇଁ ଜମା କରାଯାଉ ନାହିଁ ବୋଲି ପ୍ରଶ୍ନ କଲେ କାମରୁ କାଢି ଦେବୁ ବୋଲି ଧମକ ଦେଉଛନ୍ତି ଠିକାଦାର ଏ ସବୁ ଜିନିଷ କୁ ଆଖି ଆଗରେ ରଖି ଆଗକୁ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ ଆରମ୍ଭ ହେଉ ବୋଲି ସାଧାରଣରେ ଚ୍ଚର୍ଚ୍ଚାର ବିଷୟ ପାଲଟିଛି ।

# ମିଡିଆ କ୍ରିକେଟ୍ ଟିମ୍ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ପାଳିତ

ପାରାଦୀପ,(ପି.ଏନ): ପାରାଦୀପର ମିଡିଆ କ୍ରିକେଟ୍ ଟିମ୍ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି । ଏହି ଅବସରରେ ବଡପଡିଆସ୍ଥିତ ପ୍ରେସ୍ ଛକ ନିକଟରେ ପଣା ବ ନ କାର୍ଯ୍ୟକ୍ରମ ହୋଇଥିଲା । ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗେ ଉପସ୍ଥିତ ଜନସାଧାରଣଙ୍କୁ ପଣାବ ନ କରିଥିଲେ । ପାରାଦୀପର ସାମ୍ବାଦିକମାନଙ୍କ ଏତାଦୃଶ କାର୍ଯ୍ୟକୁ ନଗରପାଳ ଉଚ୍ଚପ୍ରଶଂସା କରିବା ସହିତ ଓଡିଆ ନବବର୍ଷର ଅଭିନନ୍ଦନ ଜଣାଇଥିଲେ । ପାରାଦୀପର ସାମ୍ବାଦିକମାନେ ସମ୍ବାଦ ପରିବେଶଣ କରିବା ସହିତ ନିଜକୁ ଓଡିଶାର ଏହି ମହାନ ପର୍ବକୁ ପାଳନ କରୁଥିବାରୁ ସାମ୍ବାଦିକମାନଙ୍କୁ ଧନ୍ୟବାଦ ଜଣାଇଥିଲେ ଜିଲ୍ଲା ବିଜେଡି ଉପସଭାପତି ଉଲ୍ଲାସ ଚନ୍ଦ୍ର ବିଶ୍ୱାଳ । ଏହି ଅବସରରେ ପାରାଦୀପର ବିଭିନ୍ନ ବର୍ଗର ହଜାରେରୁ ଉର୍ଦ୍ଧ ଜନସାଧାରଣଙ୍କୁ ପଣାବ ନ କରାଯାଇଥିଲା ।

# ଯାତ୍ରାମଞ୍ଚ ଉପରେ ତାରାଙ୍କ ଉପରେ ବର୍ଷିଲେ ମହିଳା



କୋରାପୁଟ ଜିଲ୍ଲା,(ପି ଏନ୍): ଜୟପୁର ବ୍ଲକ୍ ଅନ୍ତର୍ଗତ କାଳିଆ ଗାଁ ଗ୍ରାମ ପଞ୍ଚାୟତ ମାଳି ଦଳେଇପୁଟ ଗ୍ରାମରେ ନାଟ ମଞ୍ଚ ଉପରେ ଆସନ୍ତା ନିର୍ବାଚ୍ଚନକୁ ନେଇ କଂଗ୍ରେସ ର ପ୍ରଚ୍ଚାର କୁ ଘୋର ବିରୋଧ, ପୁରୁଷ ଯେତିକି ତାତି ନାହାନ୍ତି ମହିଳା ମାନେ ତା ଠାରୁ ଅଧିକ ତାତି ଠେଙ୍ଗା ବାଡି ଧରି ତାରାଙ୍କୁ ଶୀଘ୍ର ଏହି ଗ୍ରାମ ଛାଡ଼ି ଚ୍ଚାଲି ଯାଅ ନଚେତ୍ ମାଡ ଖାଇବ ବୋଲି ବିରୋଧ କରିଥିଲେ, ବିଗତ ପାଞ୍ଚ ବର୍ଷରେ ଥରେ ଏହି ଗ୍ରାମରେ ପାଦ ନ ଦେଇ ଭୋଟ ମାଗିବା ବାହାନାରେ ଗ୍ରାମକୁ ପଶି ଆସିଛ, ରାଜ୍ୟ ସରକାର ଯେତେ ସବୁ ଯୋଜନା ମହିଳା ମାନଙ୍କ ପାଇଁ ଆରମ୍ଭ କରିଛନ୍ତି କୁଆଡେ ଗଲା ସେହି ସବୁ ଯୋଜନା ନିଜ ପକେଟ୍ ରେ ନା ନିର୍ବାଚ୍ଚନ ରେ ଖର୍ଚ୍ଚ କରିବା ପାଇଁ ସାଇତି ରଖିଥିବା ସାଧାରଣରେ ମହିଳା ମାଁ ମାନେ ପ୍ରଶ୍ନ ପଚ୍ଚାରି ଥିଲେ, ଗ୍ରାମ ର ଉନ୍ନତି ମୂଳକ କାର୍ଯ୍ୟ କଣ ହୋଇଛି ତାହାର ତଥ୍ୟ ଆମ କୁ ଦିଆଯାଉ ବୋଲି ସାଧାରଣରେ ଜନତା ପ୍ରଶ୍ନ କରିଛନ୍ତି । କେବଳ ଜୟପୁର ନିର୍ବାଚ୍ଚନ ମଣ୍ଡଳୀରେ ସହର ସାରା ଅନାବଶ୍ୟକ ପାର୍କ, ଏବଂ ଶୌଚ୍ଚାଳୟ ନିର୍ମାଣ କରିଲେ ତାହା କଣ ଉନ୍ନତି ମୂଳକ କାର୍ଯ୍ୟ ରେ ଯାଉଛି କି, କେବଳ ଠିକାଦାର ଏବଂ ରାଜ ନେତା ମିଳିମିଶି ଭାଗ ବଣ୍ଟନ ପାଇଁ ଏହି ସବୁ ଯୋଜନା ରହିଛି ବୋଲି ସାଧାରଣରେ ଚ୍ଚର୍ଚ୍ଚାର ବିଷୟ ପାଲଟିଛି, ତାରା ଜଣେ ଠକ ବିଧାୟକ କୌଣସି କାମକୁ ନାହିଁ କେବଳ ଗାଁ ଗହଳି ର ସ୍ତ୍ରୀ ଲୋକ ମାନଙ୍କ ସହିତ ନାନା କେ କହି ନାରା ଦେଇ ଢେମସା ନୃତ୍ୟ କରିବ ପାଇଁ କାର୍ଯ୍ୟରେ ଆସନ୍ତି, ରାଜନୀତିରେ ନ ଥାଇ କୌଣସି ଏକ ଚ୍ଚଳଚ୍ଚିତ୍ର ରେ ଅଭିନୟ କଲେ ହୁଏତ ଭଲ ହୋଇଥାନ୍ତା ବୋଲି ମହିଳା ମାନେ ଆକ୍ଷେପ କରିଥିଲେ, କିନ୍ତୁ ତାରା ବିଗତ ଦିନରେ ଗଣ ମାଧ୍ୟମକୁ ସୂଚ୍ଚନା ଦେଇଥିଲେ ଏହି ଜୟପୁର ମାଟି ମର ମାଁ ମୁଁ କେବେ ବେଇମାନ କରି ନାହିଁ ,ସାଧାରଣ ଜନତାଙ୍କ ଭୋଲ ପାଇବା ସ୍ନେହ ମମତା ଅଛି ବୋଲି ଆଜି ମୁଁ ତୃତୀୟ ଥର ପାଇଁ ବିଧାୟକ ପ୍ରାର୍ଥୀ ଭାବରେ ଯୋଗ୍ୟ ବିବେଚ୍ଚିତ ହୋଇ ପ୍ରତିଦ୍ୱନ୍ଦିତା କରୁଛି, ଏହି ଘଟଣାରୁ ସ୍ପଷ୍ଟ ଭାବରେ ଜଣା ପଡୁଛି ଯେ ଲକେ ଭଲ ପାଇବା କେତେ ଦୁର ଯୁକ୍ତିଯୁକ୍ତ ।

# ଭବାନୀପାଟଣା ଠାରେ ଭୋଟର ସଚେତନତା କାର୍ଯ୍ୟକ୍ରମ



ଭବାନୀପାଟଣା,(ପି.ଏନ): କଳାହାଣ୍ଡି ଜିଲ୍ଲାରେ ଆସନ୍ତା ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚ୍ଚନ ୨୦୨୪ ରେ ଯେଭଳି ମତଦାନ ଅଧିକ ହେବ ଏବଂ ଭୋଟର ମାନେ ସଚେତନ ହୋଇ ନିଜର ମୂଲ୍ୟବାନ ଭୋଟ ଦେବେ ,ଏହି ପରିପେକ୍ଷୀରେ କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଭୋଟର ସଚେତନତା ରଥକୁ ଶୁଭାରମ୍ଭ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଡ଼ ବି ଆର୍ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ଜିଲ୍ଲାପାଳ ରଥକୁ ସବୁଜ ପତାକା ଦେଖାଇ ଭୋଟର ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମାନବ ଶୃଙ୍ଖଳ ତଥା ଦସ୍ତଖତ ଅଭିଯାନର ନେତୃତ୍ୱ ନେଇଥିଲେ । ସୂଚ୍ଚନାଯୋଗ୍ୟ ଯେ ଆସନ୍ତା ମେ ମାସ ୧୩ ତାରିଖ ରେ କଳାହାଣ୍ଡି ଜିଲ୍ଲାରେ ସାଧାରଣ ନିର୍ବାଚ୍ଚନ ହେବ ଏବଂ ଏଥିପାଇଁ ସମସ୍ତ ଭୋଟର୍ ବିଶେଷତଃ ନୂଆ ଯୁବ ଭୋଟର୍ ଯେଭଳି ନିଜର ମୂଲ୍ୟବାନ ଭୋଟ ପ୍ରଦାନ କରିବେ ଏହାକୁ ନେଇ ସଚେତନ ରଥ ଏବଂ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଡ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀ ମାନେ ସ୍ଥାନୀୟ ଭାଷାରେ ନିର୍ମିତ ଭୋଟର୍ ସଚେତନ ବୃତ୍ତଚ୍ଚିତ୍ର କୁ ଦେଖିଥିଲେ । ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଯୁବ ମତଦାତା ମାନଙ୍କୁ ଆସନ୍ତା ମେ ମାସ ୧୩ ତରିକ୍ରେ ନିଜ ନିଜ ବୁଥ କୁ ଯାଇ ନିଜର ମୂଲ୍ୟବାନ ଭୋଟ ପ୍ରଦାନ କରି ଗଣତନ୍ତ୍ର କୁ ସଶକ୍ତ ଓ ସୁ ଦୃଢ଼ କରିବାକୁ ଆହ୍ୱାନ କରିଥିଲେ । ଭୋଟର୍ ସଚେତନ କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ କଲେଜ ଛାତ୍ର ଛାତ୍ରୀ ମାନଂକ ମଧ୍ୟରେ ବକ୍ତୃତା ଓ ଚ୍ଚିତ୍ରାଙ୍କନ ପ୍ରତିଯୋଗିତା ର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମ ରେ ଜିଲ୍ଲାପରିଷଦ ସି ଡି ଓ ଦୟାମୟ ପାଢ଼ୀ,ଉପ ଜିଲ୍ଲାପାଳ ଭବାନୀପାଟଣା ଡ଼ ବିଶ୍ୱଜିତ ଦାସ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦିଲ୍ଲୀପ ମହାରଣାଙ୍କ ସମେତ ବି ଡି ଓ,ଭବାନୀପାଟଣା, ଡି ଆଇ ପି ଆର୍ ଓ, ଇ ଓ, ପୌରପରିଷଦ, ଭବାନୀପାଟଣା,ଏ ପି ଡି( ଆର୍ ଏଚ୍ ),ଯୁବ ଆଇକନ୍ ତଥା ବିଶିଷ୍ଟ ପର୍ବତାରୋହୀ ଯୋଗବ୍ୟାସ ଭୋଇ ଓ ନିର୍ବାଚ୍ଚନ ସଂଯୁକ୍ତ ଅଧିକାରୀ ଉପସ୍ଥିତ ଥିଲେ । ଡି ଆଇ ପି ଆର୍ ଓ ସଭା ସଞ୍ଚାଳନ କରିଥିଲେ ।

# ଭବାନୀପାଟଣା ଠାରେ ଜିଲ୍ଲା ସ୍ତରୀୟ ଡ ଭୀମରାଓ ରାମଜୀ ଆମ୍ବେଦକର ଙ୍କ ୧୩୩ତମ ଜୟନ୍ତୀ ମହାସମାରୋହରେ ପାଳିତ

ଭବାନୀପାଟଣା,(ପି.ଏନ): ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ସକାଳ ଘ ୯.୦୦ ସମୟରେ ଡ ବି ଆର୍ ଆମ୍ବେଦକର ଙ୍କ ୧୩୩ତମ ଜନ୍ମ ଜୟନ୍ତୀ ସ୍ମୃତିସଭା ,ଆଲୋଚ୍ଚନାଚ୍ଚକ୍ର ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ କଳାହାଣ୍ଡି ପି ଅନ୍ୱେଷା ରେଡ୍ଡୀ, ସମ୍ମାନିତ ଅତିଥି ରୂପେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ ଦୟାମୟ ପାଢ଼ୀ , ଉପ ଜିଲ୍ଲାପାଳ,ଭବାନୀପାଟଣା ଡ଼ ବିଶ୍ୱଜିତ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିଗଣ ଡ ଆମ୍ବେଦକର ଙ୍କୁ ବିଶିଷ୍ଟ ଜନନେତା,ସମାଜ ସଂସ୍କାରକ, ଅସାଧାରଣ ବ୍ୟକ୍ତିତ୍ୱ , ସମ୍ବିଧାନ ପ୍ରଣେତା , ଗଣତନ୍ତ୍ର ର ମୁଖ୍ୟ ପୁରୋଧା, ବିଶିଷ୍ଟ ରାଜନୀତିଜ୍ଞ, ମହିଳାମାନଙ୍କ ଅଧିକାରରେ ସମାନତା,ସାମାଜିକ ନ୍ୟାୟ ର ପ୍ରତିଷ୍ଠାତା,ଦଳିତ ଓ ନିଷ୍ପ ?ସିତ ଙ୍କ ପ୍ରାଣକର୍ତ୍ତା ରୂପେ ଅଭିହିତ କରି ତାଙ୍କର ଆଦର୍ଶ ଓ ଜୀବନୀ କୁ ପାଠ କରି ଆଗାମୀ ପିଢ଼ି ଏକ ସଶକ୍ତ , ବଳିଷ୍ଠ ଗଣତନ୍ତ୍ରରେ ଭାରତବର୍ଷ କୁ ଦେଖିବା ଓ ସମସ୍ତେ ସାମାଜିକ ନ୍ୟାୟ ପ୍ରତି ଅଙ୍ଗୀକାର ହେବାକୁ ଆହ୍ୱାନ କରିଥିଲେ ।ଏହି ଅବସରରେ ଆଜି ସକାଳ ଘ ୭.୩୦ ସମୟରେ ଶିକ୍ଷା ଅନୁଷ୍ଠାନ ର କର୍ମକର୍ତ୍ତା,ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ଉପସ୍ଥିତିରେ ନକଟିଗୁଡା ଛକ ସ୍ଥିତ ଏବଂ ରେଲୱେ ଷ୍ଟେସନ ଛକ ସ୍ଥିତ ଡ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା କରଯାଇଥିଲା । ସକାଳ ଘ ୮.୦୦ ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟସ୍ଥ ଡ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତୀରେ ଜିଲ୍ଲାପାଳ ,ବିଭାଗୀୟ ଅଧିକାରୀ ଏବଂ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ଙ୍କ ଉପସ୍ଥିତି ରେ ପୁଷ୍ପମାଲ୍ୟ ଅର୍ପଣ ଓ ପୂଜ୍ୟପୂଜା କରଯାଇଥିଲା ।ଏହି ଜୟନ୍ତୀ ଉପଲକ୍ଷେ ଭୋଟର ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ଅନୁଷ୍ଠିତ ମହାବିଦ୍ୟାଳୟ ସ୍ତର ବକ୍ତୃତା ଓ ଚ୍ଚିତ୍ରାଙ୍କନ ପ୍ରତିଯୋଗିତାର ଉତିର୍ଣ୍ଣ ପ୍ରତିଯୋଗୀଙ୍କୁ ଏବଂ ଆମ୍ବେଦକର ଜୟନ୍ତୀ ପାଳନ ଅବସରରେ ହାଇସ୍କୁଲ୍ ଓ ୟୁପି ସ୍ତର ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀ ଙ୍କୁ ମୁଖ୍ୟ ଅତିଥି ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ ।ସଭାର ଆୟୋଜନ, ସଞ୍ଚାଳନ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ଜିଲ୍ଲା ସୂଚ୍ଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା । ସଭାରେ ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ର ଛାତ୍ରୀ,ଗଣମାଧ୍ୟମ ପ୍ରତିନିଧି,ସରକାରୀ ଅଧିକାରୀ ଉପସ୍ଥିତ ଥିଲେ ।

# ଅନ୍ୟ ଦଳକୁ ଜୟପୁର ନିର୍ବାଚ୍ଚନ ମଣ୍ଡଳୀରେ କଂଗ୍ରେସର ଭୟ



କୋରାପୁଟ ଜିଲ୍ଲା,(ପି ଏନ୍ ): ଜୟପୁର ନିର୍ବାଚ୍ଚନ ମଣ୍ଡଳୀରେ ବିଜେଡି ଓ ବିଜେପି ର ଟିକେଟ କାହିଁକି ଘୋଷଣା କରାଯାଉ ନାହିଁ ବୋଲି ସାଧାରଣରେ ବୋହୁଳ ଚ୍ଚର୍ଚ୍ଚା ହେବା ସହ କଂଗ୍ରେସ ଦଳ ପ୍ରାର୍ଥୀଙ୍କୁ ଡରୁ ଥିବା ମୋଡ ପ୍ରକାଶ ପାଇଛି, ନିର୍ବାଚ୍ଚନକୁ କେବଳ ଗୋଟିଏ ମାସରୁ କମ ସମୟ ରହିଲା କିନ୍ତୁ ଆଜି ପର୍ଯ୍ୟନ୍ତ ବିଜେପି ଏବଂ ବିଜୁ ଜନତା ଦଳର ବିଧାନ ସଭା ଆସନ ପାଇଁ କାହାରିକି ଚ୍ଚୟନ କରାଯାଇ ନାହଁ, ଅନ୍ୟ ପଟେ କଂଗ୍ରେସ ଦିନକୁ ଦିନ ଜୟପୁର ନିର୍ବାଚ୍ଚନ ମଣ୍ଡଳୀରେ ଥିବା ସମସ୍ତ ପଞ୍ଚାୟତ ଏବଂ ୱାର୍ଡରେ ବୁଲି ପ୍ରଚ୍ଚାର କରିବା ଜୋର୍ ଧରିଛି, ବିଜେଡି ଏବଂ ବିଜେପି କଂଗ୍ରେସ ର ପ୍ରାର୍ଥୀଙ୍କ ଭୟରେ ଟିକେଟ କାହାକୁ ଦିଆଯିବ ବୋଲି ଭାବି ପାରୁନାହାନ୍ତି, ଶେଷରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ହିଁ କଂଗ୍ରେସ ଦଳର ପ୍ରାର୍ଥୀ ସହ ଟକ୍କର ଦେଇ ପାରିବେ ବୋଲି ସାଧାରଣରେ ,ଚ୍ଚା ଖଟିରେ ମଧ୍ୟ ଚ୍ଚର୍ଚ୍ଚାର ବିଷୟ ପାଲଟିଛି ଏବଂ ଦୋଳ ମୋଧରେ ଭିତିରିଆ ଆଲୋଚ୍ଚନା ଚ୍ଚାଲି ଥିବାର ଜଣା ପଡୁଛି ସେହିପରି ବିଜୁ ଜନତା ଦଳର ଆଶାୟୀ ପ୍ରାର୍ଥୀ ରାଧା ବିନୋଦ ସାମନ୍ତରାୟ ମଧ୍ୟ ଟିକେଟ କୁ ନେଇ ପ୍ରାର୍ଥୀ ଭାବରେ ଲଢିବି ବୋଲି ପ୍ରସ୍ତୁତ ହୋଇଛନ୍ତି, ସହର ସାରା କେବଳ ଗୋଟିଏ ଚ୍ଚର୍ଚ୍ଚା କାହାକୁ ଦିଆଯିବ ଟିକେଟ କିଏ ହେବ ବିଜେଡିର ବିଧାନ ସଭା ଆସନ ପ୍ରାର୍ଥୀ ଓ କଂଗ୍ରେସ ଦୋଳ ସହ ଟକ୍କର ଦେଇ ବିଜୟ ର ମୁକୁଟ ପିନ୍ଧି ପାରିବେ , ଭୋଟର କେବଳ ଦଳ କୁ ନୁହଁ ପ୍ରାର୍ଥୀ କୁ ଦେଖି କି ମତ ଦାନ କରିବୁ ବୋଲି ସୂଚ୍ଚନା ଦେଇଛନ୍ତି, କାହାକୁ ମିଳିବ ବିଜେଡି ଓ ବିଜେପିର ଟିକେଟ ତାକୁ ହିଁ ସାଧାରଣ ଜନତା ଅପେକ୍ଷାରତ ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Tuesday April 16, 2024 | ଭୁବନେଶ୍ୱର ମଙ୍ଗଳବାର, ଅପ୍ରେଲ ୧୬,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## କିମ୍ସରେ ଖୋଲିଲା ଅତ୍ୟାଧୁନିକ ଷ୍ଟ୍ରୋକ୍ ସେଣ୍ଟର



ଭୁବନେଶ୍ୱର,(ପି.ଏନ): କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍‌ସେସ୍ (କିମ୍ସ) ହସ୍ପିଟାଲରେ ଅତ୍ୟାଧୁନିକ ଷ୍ଟ୍ରୋକ୍ ସେଣ୍ଟର କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୃତ୍ୟୁର କାରଣ ହେଉଥିବା ବିଭିନ୍ନ ପ୍ରକାର ଷ୍ଟ୍ରୋକ୍ ପ୍ରଭାବର ମୁକାବିଲା ପାଇଁ ଏଠାରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଏହି ସେଣ୍ଟରରେ ଏକ ଉତ୍ସର୍ଗୀକୃତ ଷ୍ଟ୍ରୋକ୍ ବିଶେଷଜ୍ଞ ଟିମ୍ ରହିଥିବା ବେଳେ ନବୀନତମ ନିଦାନ ଓ ଚିକିତ୍ସା ପଦ୍ଧତି ଉପଲବ୍ଧ। ଏହି ସେଣ୍ଟର ତ୍ୱରିତ ରୋଗୀ କୈନ୍ଦ୍ରିକ ଯତ୍ନ ନିମନ୍ତେ ପ୍ରତିବଦ୍ଧ। ଷ୍ଟ୍ରୋକ୍ ହୋଇଥିବା ରୋଗୀ ଉପଯୁକ୍ତ ସମୟରେ ସଙ୍କଟାପନ୍ନ ପରିସ୍ଥିତିରେ ଜରୁରୀ ଚିକିତ୍ସା ଆବଶ୍ୟକ କରିଥାନ୍ତି। ମସ୍ତିଷ୍କରେ ସର୍ବାଧିକ କ୍ଷତି ରୋକିବା ନିମନ୍ତେ ଷ୍ଟ୍ରୋକ୍ ହେବାର ସାଢ଼େ ୪ରୁ ୫ ଘଣ୍ଟା ମଧ୍ୟରେ ରୋଗୀ ହସ୍ପିଟାଲ୍‌ରେ ପହଞ୍ଚିବା ଆବଶ୍ୟକ ବୋଲି କିମ୍ସ ନ୍ୟୁରୋଲୋଜି ବିଭାଗ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର ଡା. ସନ୍ତୋଷ କୁମାର ଦାଶ କହିଛନ୍ତି। ଷ୍ଟ୍ରୋକ୍‌ର ତ୍ୱରିତ ଚିକିତ୍ସାର ଆବଶ୍ୟକତା ସମ୍ପର୍କରେ ଅଭିଜ୍ଞତା ଥିବା ବିଶେଷଜ୍ଞଙ୍କ ଦ୍ୱାରା କିମ୍ସର ଏହି ଷ୍ଟ୍ରୋକ୍ ସେଣ୍ଟରରେ ରୋଗୀଙ୍କୁ ସର୍ବୋତ୍କୃଷ୍ଟ ଯତ୍ନ ସୁନିଶ୍ଚିତ କରିବା ସହ ଉତ୍ତମ ଚିକିତ୍ସା ପ୍ରଦାନ କରାଯାଇଥାଏ। ଷ୍ଟ୍ରୋକ୍ ରୋଗୀଙ୍କ ପାଇଁ ପ୍ରତ୍ୟେକ ମିନିଟ୍ ହେଉଛି ମୂଲ୍ୟବାନ। ଯେତେ ଶୀଘ୍ର ରୋଗୀର ଚିକିତ୍ସା କରାଯାଇଥାଏ ସେହି ଅନୁସାରେ ଉପଶମର ସମ୍ଭାବନା ସେତେ ବଢ଼ିଥାଏ। ଏହି ସେଣ୍ଟରରେ ୨୪ ଘଣ୍ଟିଆ ଷ୍ଟ୍ରୋକ୍ ବିଶେଷଜ୍ଞ ଉପଲବ୍ଧ ରହୁଥିବା ବେଳେ ଏଠାରେ ସିଟି ସ୍କାନ୍, ଏମ୍‌ଆରଆଇ, ଠିକ୍ ସମୟରେ କ୍ଲଟ୍-ବୁଷ୍ଟିଂ ମେଡ଼ିସିନ୍‌ର ଉପଯୋଗ ଏବଂ ଆବଶ୍ୟକ ଅନୁଯାୟୀ ମିନିମାଲି ଇନ୍‌ଭାସିଭ କ୍ଲଟ୍ ରିମୁଭାଲ୍ ପଦ୍ଧତି ଓ ତ୍ୱରିତ ନିଦାନ ସୁବିଧା ରହିଛି। ବିଶେଷଜ୍ଞଙ୍କ ଯତ୍ନ, ସମ୍ପୂର୍ଣ୍ଣ ପୁନର୍ବାସ କାର୍ଯ୍ୟକ୍ରମ ସହ ରୋଗୀମାନେ ସ୍ୱତନ୍ତ୍ର ଷ୍ଟ୍ରୋକ୍ ୟୁନିଟ୍‌ର ସୁବିଧା ପାଇପାରିବେ। ଓଡ଼ିଶାରେ ଏହି ଷ୍ଟ୍ରୋକ୍ କେନ୍ଦ୍ର ଖୋଲିବା ଦ୍ୱାରା ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଆଉ ପାଦେ ଆଗକୁ ବଢ଼ିଛି। ଏହି ସେଣ୍ଟରରେ ଡା. ସନ୍ତୋଷ ଦାଶ ସମସ୍ତ ପ୍ରକାର ନ୍ୟୁରୋଲୋଜି ସମସ୍ୟା ପରିଚାଳନା କରୁଥିବା ବେଳେ ଓବେଷ୍ଟେଟ୍ରିକ୍ ସମସ୍ୟା ଡା. ଅସୀମା ଦାସ ଓ ଡ଼ା. ଏସ. କେ. ରଥ ପରିଚାଳନା କରୁଛନ୍ତି। ଏହି ଅତ୍ୟାଧୁନିକ ଷ୍ଟ୍ରୋକ୍ ସେଣ୍ଟର ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଥିବାରୁ ସେଣ୍ଟରର ବିଶେଷଜ୍ଞ ଦଳ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍ସ ମେଡ଼ିକାଲ ପରାମର୍ଶଦାତା ଡ଼ା. ଆର୍. ଏନ୍. ସାମନ୍ତ, କିମ୍ସ ମେଡ଼ିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତି, ମେଡ଼ିକାଲ ଅଧୀକ୍ଷକ ଡା. ଆର. ସି. ଦାଶ, ଉପଅଧୀକ୍ଷକ ଡ଼ା. କବିକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ ଭାରତରତ୍ନ ଡ଼ଃ. ବି. ଆର. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,(ପି.ଏନ):ପୂର୍ବତଟ ରେଳପଥ ପକ୍ଷରୁ ସମ୍ବିଧାନର ପ୍ରଣେତା ଭାରତରତ୍ନ ଡ଼ଃ. ବି. ଆର. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଅଛି । ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶ୍ରୀ ମହେଶ କୁମାର ବେହେରାଙ୍କ ନେତୃତ୍ୱରେ ରେଳପଥର ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ସହିତ କର୍ମଚାରୀମାନେ ଡ଼ଃ. ବି. ଆର. ଆମ୍ବେଦକରଙ୍କ ଫଟ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରମୁଖ କାର୍ମିକ ଅଧିକାରୀ ଶ୍ରୀ ସିଦ୍ଧାର୍ଥ କାଟି ସଂଯୋଜନା କରିଥିଲେ । ଆମ୍ବେଦକର ଜୟନ୍ତୀ ମଧ ରେଳପଥର ସମସ୍ତ ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ଼, ସମ୍ବଲପୁର ଓ ୱାଲଟିୟର ଠାରେ ମଣ୍ଡଳ ରେଳବାଇ ପ୍ରବନ୍ଧକଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ହନୁମାନ ଜୟନ୍ତୀ ଏବଂ ମହାବିଷୁବ ସଂକ୍ରାନ୍ତି ପାଳନ



କୋରାପୁଟ ଜିଲ୍ଲା,(ପି ଏନ୍): ଜୟପୁରରେ ହନୁମାନ ଜୟନ୍ତୀ ଏବଂ ପଣା ସଂକ୍ରାନ୍ତି ପାଳନ ବୋହୁ ଆଡ଼ମ୍ବରରେ ହୋଇଥିଲା,ଜୟପୁର ସହରର ଇତିହାସରେ କଂଗ୍ରେସ ଦଳ ତରଫରୁ କେବେ ମଧ ଶୀତଳ ପଣା ବଣ୍ଟନ କାର୍ଯ୍ୟକ୍ରମ ପାଳନ କରାଯାଇ ନଥିଲା ଏହି ଶୀତଳ ପଣା ବଣ୍ଟନ କାର୍ଯ୍ୟକ୍ରମ ନିର୍ବାଚନ ପରିପେକ୍ଷି ରେ ସନାତନିକ ଭୋଟ୍ ହାତେଇବା ପରିପ୍ରେକ୍ଷି ରେ ହୋଇଥିବା ସାଧାରଣରେ ଗୁଞ୍ଜରିତ ହେଉଛି, ଅପରପକ୍ଷେ ସହରରେ ଅନେକ ଗୁଡିଏ ସ୍ଥାନରେ ଯଥା ସର୍ଦ୍ଦାର ବଲ୍ଲଭାଇ ପଟେଲ୍ ମାର୍ଗ ଠାରେ ବିଭିନ୍ନ ସନାତନି ଦଳ, ବଜରଙ୍ଗି ଦଳ, ହିନ୍ଦୁ ମହା ସଂଘ ଦଳ, ଗୌଡ ସାହିରେ ଥିବା କୀର୍ତ୍ତନ ଦଳ, ରଘୁନାଥ ମନ୍ଦିର ଛକ ନିକଟରେ ଥିବା ହିନ୍ଦୁ ସମାଜର ସମସ୍ତ ଦଳ, ତାରିଣୀ ଛକ, ପଞ୍ଚାନନ ମନ୍ଦିର ଛକ, ବିଭିନ୍ନ ସମାଜ ସେବୀ ଦଳ ଶ୍ରଦ୍ଧାଳୁଙ୍କୁ ଏବଂ ଉପବାସ ରେ ରହିଥିବା ଭକ୍ତଙ୍କୁ ଶ୍ରଦ୍ଧାର ସହ ଶୀତଳ ପଣା ବଣ୍ଟନ କରିଥିଲେ, ଲୋକେ ବହୁ ଖୁସି ଏବଂ ଆନନ୍ଦ ର ସହ ବଣ୍ଟନ ହୋଇଥିବା ପଣାକୁ ପାନ କରି ଆତ୍‌ମୋତୃପ୍ତି ଲାଭ କରିଥିଲେ, ବୋହୁ ଶ୍ରଦ୍ଧାଳୁ ଭକ୍ତ ହନୁମାନଙ୍କ ମନ୍ଦିର ରେ ୧୦୮ ହନୁମାନ ଚାଳିଶା ପାଠ କାର୍ଯ୍ୟରେ ବ୍ୟସ୍ତ ରହିଥିବା ଦେଖାଯାଇଛି,ପଶ୍ଚିମ ଓଡିଶା ବିଶ୍ୱ ହିନ୍ଦୁ ପରିଷଦର ଉପ ସଭାପତି ବାବୁ ଭାଇ ବଜରଙ୍ଗୀ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ସହ ଆନନ୍ଦର ସହ ହନୁମାନ ଚାଳିଶା ପାଠ ରହି ହନୁମାନ ଜୟନ୍ତୀ ପାଳନ କରିଥିଲେ।

## ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ତରଫରୁ ଜଳଛତ୍ର ଉଦଘାଟିତ

ଦର୍ପଣ,(ପି ଏନ୍):ପବିତ୍ର ମହା ବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ଉପଲକ୍ଷେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ତରଫରୁ ଆଜି ଚଣ୍ଡିଖୋଲ ଠାରେ ଜଳଛତ୍ର ଉଦଘାଟିତ ହୋଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ସଂଘର ସଭାପତି ଅଜାମ୍ବର ସାହୁ ସଭାପତିତ୍ୱ କରିଥିବାବେଳେ ଉଦଘାଟକ ଭାବେ ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶେଷଦେବ ନାୟକ, ସଂମାନିତ ଅତିଥି ଭାବେ ସଂଘର ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ ଯୋଗଦେଇ ଥିଲେ । ଅନ୍ୟ ମାନଙ୍କ ମଧରେସମ୍ପାଦକ ଅମିତ କୁମାର ସାହୁ ରଜନୀକାନ୍ତ କର, ପ୍ରଭାତ କୁମାର ରାଉତ, ପ୍ରମୋଦ କୁମାର ନାୟକ, ସନାବାବୁ, ଅଜୟ କୁମାର ସାହୁ, କେଶବ ରାଉତ, ମୁଜିବର ରେହେମାନ ଖାଁ, ଶିବପ୍ରସାଦ ସାହୁ, ରମାକାନ୍ତ ସାମଲ ପ୍ରମୁଖ ଯୋଗଦେଇଥିଲେ । ଆଜି ସଂଘ ପକ୍ଷରୁ ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର, ଚଡେଇଧରା ଆଦି ସ୍ଥାନ ମାନଙ୍କରେ ଜଳ ଛତ୍ର ପ୍ରଦାନ ଆରମ୍ଭ ହୋଇଛି । ଏଥିରେ ଲୋକମାନଙ୍କୁ ସୁସ୍ୱାଦୁ ଲିଚି ଫଳରସ ସର୍ବତ ବଣ୍ଟନ କରାଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମ ଦୁଇମାସ ଧରି ଚାଲିବ ବୋଲି ସଭାପତି ଅଜାମ୍ବର ସାହୁ କହିଛନ୍ତି ।

## ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ତରଫରୁ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସର ନୂତନ ଭାବେ ନିଯୁକ୍ତି ପାଇଥିବା ଓଡ଼ିଶା ପ୍ରଭାରୀ ତଥା ଅଖିଳ ଭାରତୀୟ ଛାତ୍ର କଂଗ୍ରେସର ସାଧାରଣ ସଂପାଦକ ଶ୍ରୀ ଚୁନୁ ସିଂଙ୍କୁ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ବୈଠକରେ ରାଜ୍ୟ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରପାଇଁ ପ୍ରଦେଶ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଯୋଗୁଁ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶା ଛାତ୍ର କଂଗ୍ରେସ ପ୍ରଭାରୀ ଏହି ବୈଠକରେ ଛାତ୍ର କଂଗ୍ରେସର ଚଳିତ ବର୍ଷ ନିର୍ବାଚନରେ ଭୂମିକା ଉପରେ ଆଲୋଚନା କରିଥିଲେ। ସେ ତାଙ୍କ ମନ୍ତବ୍ୟରେ କହିଥିଲେ ଯେ ଏହି ନିର୍ବାଚନ ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ଅଟେ। ଦୀର୍ଘ ୨୫ ବର୍ଷର ନବୀନ ସରକାର ଏବଂ ୧୦ ବର୍ଷର ମୋଦୀ ସରକାରରେ ଓଡ଼ିଶାବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି। ଶିକ୍ଷା କ୍ଷେତ୍ରରେ ଏବଂ ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ଏହି ସରକାର ସମୟରେ ବହୁ ଅବହେଳିତ। ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ନୱାଜ ତାଙ୍କ ବକ୍ତବ୍ୟରେ କହିଥିଲେ ଛାତ୍ର ହିଁ ଆଣିବେ ପରିବର୍ତ୍ତନ। ଏହି ନାରାଦେଇ ଓଡ଼ିଶା ପ୍ରତ୍ୟେକଟି କୋଣ ଅନୁକୋଣରେ ଛାତ୍ର କଂଗ୍ରେସ କର୍ମୀମାନେ ଲୋକ ମାନଙ୍କ ପାଖରେ ପହଂଚି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ବିଷୟରେ ଆଲୋକପାତ କରିବେ ଏବଂ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ବୋଲି ଜନସାଧାରଣଙ୍କ ମନରେ ଆସ୍ଥାଭାଜନ କରିବେ। ଆଜିର ଏହି ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ରାଜ୍ୟ ଛାତ୍ର କଂଗ୍ରେସର ଉପସଭାପତି ରିତ ସେନାପତି, ଶର୍ମିଳତା ବେହେରା, ନିରନ ନାୟକ, ଆଦିତ୍ୟ ପ୍ରିତମ ଦାସ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସଂପାଦିକା ଭାଗ୍ୟଶ୍ରୀ ମହାନ୍ତି, ଲିପିକା ପାତ୍ର,ଲକ୍ଷ୍ମିପ୍ରିୟା ନାୟକ, ଉଦିତ ପ୍ରଧାନ, ବିଶ୍ୱଭୂଷଣ ମହାପାତ୍ର, ବାସୁଦେବ ସାହୁ, ମହମ୍ମଦ ସମିଉଲ, ସେକ ନିଆଜୁଲ ଇସଲାମ, ମୁନା ପରିଡ଼ା, ରାଜଦୀପ ବେହେରା, ସୁନିଲ କୁମାର ସାହୁଙ୍କ ଓଡ଼ିଶା ଛାତ୍ର କଂଗ୍ରେସ କମିଟିର ଜିଲ୍ଲା ସଭାପତିମାନେ ଯୋଗଦେଇଥିଲେ।

## କେନ୍ଦ୍ରାପଡା କଂଗ୍ରେସ ପକ୍ଷରୁ ଭାରତରତ୍ନ ଆମ୍ବେଦକରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା କଂଗ୍ରେସ ପକ୍ଷରୁ ରବିବାର ଭାରତରତ୍ନ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ କେନ୍ଦ୍ରାପଡା ହାଇସ୍କୁଲ ଛକରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଓ ସହରର ପୁରୁଣା ବସଷ୍ଟାଣ୍ଡରେ ଥିବା ଜାତିରପିତା ମହାତ୍ମା ଗାନ୍ଧୀ ଓ ଡ. ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମତ୍ସ୍ୟଜୀବୀ କଂଗ୍ରେସ ସଭାପତି ହଳଧର ସେଠୀ, ପ୍ରାକ୍ତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ରାଜ୍ୟ ପଛୁଆବର୍ଗ କଂଗ୍ରେସର ଉପାଧକ୍ଷ ଫକୀର ଚରଣ ଖଟୁଆ, ପ୍ରାକ୍ତନ ପୌରାଧକ୍ଷ ମହମ୍ମଦ ଆକବର ଅଲ୍ଲୀ, ସନ୍ତୋଷ କୁମାର ବେହେରା, ସୁଧିର ମଳିକ ଇତ୍ୟାଦି ଉପସ୍ଥିତ ରହି ଭାରତରତ୍ନ ବାବାସାହେବ ଡ. ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଭବାନୀପାଟଣା ଠାରେ ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ



ଭବାନୀପାଟଣା,(ପି.ଏନ): କଳାହାଣ୍ଡି ଜିଲ୍ଲାରେ ରବି ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ପି. ଅନ୍‌ୱେଷା ରେଡ୍ଡୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ମେ ମାସ ୨୦ ତାରିଖ ରୁ ବିଭିନ୍ନ ବ୍ଲକର ମଣ୍ଡି ରୁ ଧାନ କ୍ରୟ ନିମନ୍ତେ ପ୍ରଶାସନିକ ପଦକ୍ଷେପ ଉପରେ ବିଶେଷ ଆଲୋଚନା ହୋଇଥିଲା। ବୈଠକରେ ପ୍ରଥମେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପବିତ୍ର ସାହୁ ସମସ୍ତଙ୍କୁ ସ୍ୱାଗତ କରି ଏଜେଣ୍ଡା ଅନୁଯାୟୀ ସଭା କାର୍ଯ୍ୟକୁ ଆଗେଇଥିଲେ । ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡି ରେ ପର୍ଯ୍ୟାପ୍ତ ସୁବିଧା ଯଥା ପିଇବା ପାଣି ବ୍ୟବସ୍ଥା, ପ୍ରତ୍ୟେକ ଦିନ ଖୋଲିବା,ବିଜୁଳି, ତାର୍ପୋଲିନ, ଆଶ୍ରୟ ସ୍ଥଳ, ଓଜନ ମେସିନ୍ ଓ ଅନ୍ୟାନ୍ୟ ପଦକ୍ଷେପ ଉପରେ ଗୁରୁତ୍ୱ ଦେବାକୁ ଡି ଆର୍ ସି ଏସ ଏବଂ ଆର୍ ଏମ ସି କର୍ତ୍ତୃପକ୍ଷ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ସି ଏସ ଓ ଙ୍କ ସୁଚନା ଅନୁସାରେ ଗତ ଖରିଫ ୨୦୨୩-୨୪ ରେ ୧୧.୪.୨୦୨୪ ସୁଦ୍ଧା ଧାନ ସଂଗ୍ରହ ଲକ୍ଷ୍ୟ ୫୪୦୮୮୩ .୪୦ ମେଟ୍ରିକ୍ ଟନ୍ ଥିବାବେଳେ ୫୧୦୩୮୪.୧୪ ମେଟ୍ରିକ୍ ଟନ୍ ସଂଗ୍ରହ ହୋଇଥଲା ।ବର୍ତ୍ତମାନ ୫୯୩୬୧ ହେକ୍ଟର ଜମିରେ ରବି ଧାନ କରାଯାଇଛି ଏବଂ ଧାନ ସଂଗ୍ରହ ୩୦ ଲକ୍ଷ ମେଟ୍ରକ ଟନ୍ ରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ସଧାରଣ ଧାନ ଏଫ୍ ଏ କ୍ୟୁ ମାନର ଏମ ଏସ ପି ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୧୮୩/- ଟଙ୍କା ରହିଛି ।ଗତ ଖରିଫ ଋତୁ ରେ ୬୭ ଟି ଉଷୁନା ମିଲର ଏବଂ ୧୬ ଟି ଅରୁଆ ମିଲର ଧାନ ସଂଗ୍ରହଣ ରେ ଭାଗ ନେଇଥିଲେ, ବର୍ତ୍ତମାନ ୬୭ ଟି ଉଷୁନା ମିଲର ରବି ଧାନ ସଂଗ୍ରହଣରେ ଭାଗ ନେବେ ।ରବି ଧାନ ପାଇଁ ଜିଲ୍ଲାରେ ଉଭୟ ଭବାନୀପାଟଣା ଓ ଧର୍ମଗଡ ଉପଖଣ୍ଡରେ ୭୨ ଟି ପାକ୍ସ,୬୨ ଟି ପି ପି ସି ଏବଂ ୨୩ ଟି ଡ଼ବ୍ଲୁ ଏସ ଏଚ୍ ଜି ଏଭଳି ମୋଟ୍ ୧୫୭ ଟି ଧାନ ସଂଗ୍ରହ କେନ୍ଦ୍ର ମାଧମରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହେବ। ୨୦୨୩-୨୪ ରବି ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ୫୨୫୯୭ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ବୈଧ ଟୋକେନ୍ ଥିବା ଚାଷୀ ସକାଳ ୭.୦୦ ଘ୍ରୁ ୧୨.୦୦ ଘ ମଧରେ ମଣ୍ଡି କୁ ଯାଇ ଧାନ ବିକ୍ରୟ କରିପାରିବେ। ମିଲର ମାନେ ମଣ୍ଡି ରୁ ଧାନ ଉଠାଇ ଟ୍ରକ୍ ଦ୍ୱାରା ପରିବହନ ରେ ରୁଟ୍ ଦ୍ୱାରା କ୍ଷତିଗ୍ରସ୍ତ,ବିଲ ଉଠାଣ ଓ ବିଭିନ୍ନ ଫର୍ମ ପୂରଣ ରେ ଅବ୍ୟବସ୍ଥା କୁ ସଭାରେ ଉପସ୍ଥାପନ କରି ଏହାର ସମାଧାନ ପାଇଁ ଜିଲ୍ଲାପାଳ ଙ୍କୁ ଅନୁରୋଧ କଲେ। ଇନ୍ଦ୍ରାବତୀ ପ୍ରକଳ୍ପ ରବି ଋତୁ ଧାନ ଅମଳ ପାଇଁ ଆସନ୍ତା ମେ ମାସ ପ୍ରଥମ ସପ୍ତାହରୁ କେନାଲ ଜଳସେଚନକୁ ବନ୍ଦ କରିବ ବୋଲି ପ୍ରକଳ୍ପ କର୍ତ୍ତୃପକ୍ଷ ସଭାରେ କହିଥିଲେ ।ସଭାରେ ଉପ ଜିଲ୍ଲାପାଳ ଭବାନୀପାଟଣା ବିଶ୍ୱଜିତ ଦାସ, ଡି ଆର୍ ସି ଏସ ପ୍ରମୋଦ ସାହୁ,ସି ଡି ଏ ଓ ବିଶ୍ୱେଶ୍ୱର ସାହୁ, ଡି ଆଇ ପି ଆର୍ ଓ ମନୋଜ ବେହେରା, ସଂପୃକ୍ତ ଜିଲ୍ଲା ବିଭାଗୀୟ ଅଧିକାରୀ, ମିଲର ସଭାପତି ନଳିନୀ ପାଟଯୋଷି,ମିଲର ମହେଶ ବଂଶଲ, ଚାଷୀ ପ୍ରତିନିଧି ଦୀପ୍ତି ରଞ୍ଜନ ପ୍ରହରାଜ, ପ୍ରଶାନ୍ତ ପାଟଯୋଶୀ, ଏ ଏ ଓ, ବି ଏ ଓ,ଉପ ବିଭାଗୀୟ ଅଧିକାରୀ,ବିଭିନ୍ନ ବ୍ଲକରୁ ଚାଷୀ ପ୍ରତିନିଧି, ଆର୍ ଏମ ସି,ପାକ୍ସ କର୍ମକର୍ତ୍ତା ଉପସ୍ଥିତ ଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray